EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୬ ସଂଖ୍ୟା-୨୪ ୨୭ ଜୁନ୍ - ୦୩ ଜୁଲାଇ, ୨୦୨୨ ଭୁବନେଶ୍ୱର Monday Weekly VOL-6 ISSUE-24 27th JUNE- 03rd JULY, 2022 BHUBANESWAR ₹ 5/- (8 Pages)


### ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ

## ନାମାଙ୍କନ ଦାଖଲ କଲେ



**ନୂଆଦିଲ୍ଲୀ :** ରାଷ୍ଟ୍ରପତି ନିର୍ବାଚନ ପାଇଁ ଗତ ଶୁକ୍ରବାର ମଧ୍ୟାହ୍ନରେ ନାମାଙ୍କନ ଦାଖଲ କରିଛନ୍ତି ଏନଡିଏ ପ୍ରାର୍ଥୀ ତଥା ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ। ସଂସଦ ଭବନରେ ବିଜେପି ଓ ଏନଡିଏ ନେତାଙ୍କ ଉପସ୍ଥିତିରେ ଶ୍ରୀମତୀ ମୁର୍ମୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସଂସଦ ଭବନରେ ସେ ପ୍ରାର୍ଥୀପତ୍ର ଦାଖଲ କରିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା, ବିଜେପି ଶାସିତ ରାଜ୍ୟର ସମସ୍ତ ମୁଖ୍ୟମନ୍ତ୍ରୀମାନଙ୍କ ଠାରୁ ଆରମ୍ଭ କରି ବହୁ କେନ୍ଦ୍ରମନ୍ତ୍ରୀ ଓ ସହଯୋଗୀ ଦଳର ନେତାମାନେ ଉପସ୍ଥିତ ରହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ପ୍ରସ୍ତାବକ ଭାବେ ଶ୍ରୀମତୀ ମୁର୍ମୁଙ୍କ ନାମାଙ୍କନ ପତ୍ରର ଗୋଟିଏ ସେଟ କାଗଜ ରିଟର୍ଣ୍ଣିଂ ଅଫିସର ପିସି ମୋଡୀଙ୍କୁ ଦେଇଥିଲେ। ବିଜେପି ପକ୍ଷରୁ ମୋଟ ୪ ସେଟ୍ ନାମାଙ୍କନ ଶ୍ରୀମତୀ ମୁର୍ମୁଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା। ପ୍ରତି ନାମାଙ୍କନ ପତ୍ରରେ ୫୦ ଜଣ ପ୍ରସ୍ତାବକ ଓ ୫୦ ଜଣ ସମର୍ଥକଙ୍କ ଦସ୍ତଖତ ରହିଛି। ଶ୍ରୀମତୀ ମୁର୍ମୁଙ୍କ ପ୍ରାର୍ଥୀପତ୍ରରେ ପ୍ରସ୍ତାବକ ଭାବେ ଅଣ ଏନଡିଏ ଦଳ ବିଜେଡିର ➤ ପୃ-୬

### ରୋମ୍‌ରେ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ସଫଳତା ବଖାଣିଲେ ନବୀନ

## ଖାଦ୍ୟରେ ବଳକା ରାଜ୍ୟ ଓଡ଼ିଶା




**ଭୁବନେଶ୍ୱର :** ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ଉତ୍ପାଦନ ଓ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ହାସଲ କରିଥିବା ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି ଦେଇଛି ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲୁଏଫପି)। କ୍ଷୁଧାମୁକ୍ତ ବିଶ୍ୱ ପରି ଏକ ସାଧାରଣ ଲକ୍ଷ୍ୟ ହାସଲ ଲାଗି ଡବ୍ଲୁଏଫପି ଓ ଓଡ଼ିଶା ସରକାର ମିଳିତ ଭାବରେ କାର୍ଯ୍ୟକରିବାକୁ ସହମତ ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରୋମସ୍ଥିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମୁଖ୍ୟାଳୟ ପରିଦର୍ଶନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ଓଡ଼ିଶା ଦୁଇ ଦଶନ୍ଧି ମଧ୍ୟରେ ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ଉତ୍ପାଦନ ଓ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରି ଏବଂ ଜଳବାୟୁ ଅନୁକୂଳ ଜୀବିକା ସୃଷ୍ଟି ନିମନ୍ତେ ବିକାଶମୂଳକ କାର୍ଯ୍ୟ କରି ଓଡ଼ିଶା ଧୀରେ ଧୀରେ ନିରନ୍ତର ଓ ସମନ୍ୱିତ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତି ➤ ପୃ-୬

### ୨୦୦୨ ଗୁଜୁରାଟ ଦଙ୍ଗା

## ମୋଦୀଙ୍କୁ କ୍ଲିନଚିଟ୍



**ନୂଆଦିଲ୍ଲୀ :** ୨୦୦୨ ଗୁଜରାଟ ଦଙ୍ଗାରେ ରାଜ୍ୟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱଚ୍ଛତା ପ୍ରଦାନ କରୁଥିବା ଏସଆଇଟି ରିପୋର୍ଟ ବିରୋଧରେ ସୁପ୍ରିମକୋର୍ଟ ଶୁକ୍ରବାର ଦିନ ଶୁଣାଣି କରିଛନ୍ତି। ଶୁଣାଣି ସମୟରେ ରାଜ୍ୟର ତତ୍କାଳୀନ ସିଏମ ନରେନ୍ଦ୍ର ମୋଦୀଙ୍କୁ ଦିଆଯାଇଥିବା କ୍ଲିନ ଚିଟ କୋର୍ଟକୁ ସମର୍ଥନ କରିଥିଲେ। ଏସ୍ଆଇଟିର କ୍ଲିନ ଚିଟ ସୁପ୍ରିମକୋର୍ଟଙ୍କ ଅନୁମୋଦନ ଲାଭ କଲା ୨୦୦୨ ଦଙ୍ଗା ପଛରେ ଥିବା ବଡ ଷଡଯନ୍ତ୍ର ର ଅନୁସନ୍ଧାନ କରିବାକୁ ମନା କରିଦେଇଥିବା ବେଳେ କଂଗ୍ରେସର ନେତା ଜାକିଆ ଜାଫ୍ରିଙ୍କ ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଏହି ରାୟ ପ୍ରଦାନ କରିବା ସହିତ ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଜାକିଆଙ୍କ ➤ ପୃ-୬

## ଅଲୋଡ଼ା ହେଲେ ମନ୍ତ୍ରୀ, ସଚିବମାନଙ୍କୁ ହିସାବ ମାଗିଲା ସିଏମଓ




**ଭୁବନେଶ୍ୱର :** ନବୀନ ପଟ୍ଟନାୟକ ସରକାରର ପଞ୍ଚମ ପାଳିରେ ବ୍ୟୁରୋକ୍ରାଟଙ୍କ ଶାସନ ଚାଲିଛି, ଏପରିକି ବିଭାଗୀୟ ମନ୍ତ୍ରୀମାନଙ୍କୁ ଅଲୋଡ଼ା ଓ ଗୁରୁତ୍ୱହୀନ କରି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ସିଧାସଳଖ ସବୁ ବିଭାଗର କାର୍ଯ୍ୟକୁ ତଦାରଖ କରୁଛି ବୋଲି ପାୱାର କରିଡରରେ ଚାଲିଥିବା ଚର୍ଚ୍ଚା ଉପରେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମଓ) ମୋହର ଲଗାଇଛି। ମନ୍ତ୍ରୀମାନଙ୍କୁ ଅଣଦେଖା କରି ସେମାନଙ୍କର ଅଜାଣତରେ ବିଭାଗ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକର ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରି ମୁଖ୍ୟମନ୍ତ୍ରୀଙ୍କ ଅବଗତି ନିମନ୍ତେ ପଠାଇବାକୁ ବିଭାଗୀୟ ସଚିବମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକି ପରୋକ୍ଷରେ ନିଜର ସହଯୋଗୀ ମନ୍ତ୍ରୀମାନଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କ ଭରସା ନଥିବାକୁ ପ୍ରମାଣିତ କରାଉଛି। ବିଭାଗୀୟ କାର୍ଯ୍ୟ ସମ୍ବନ୍ଧରେ ମନ୍ତ୍ରୀମାନେ ଉତ୍ତରଦାୟୀ ରହିଥିବାବେଳେ ସେମାନଙ୍କଠୁ ବିଭାଗର ଭଲମନ୍ଦ ତଥ୍ୟ ନଆଣି ସିଧାସଳଖ ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ରିପୋର୍ଟ ମାଗିବା ହିଁ ନବୀନ ସରକାରରେ ମନ୍ତ୍ରୀମାନଙ୍କର ଅସହାୟତା ଓ ପାରିବାପଣିଆ ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ମିଳିଥିବା ସୂଚନା ଅନୁସାରେ, ଆସନ୍ତା ୨ତାରିଖରୁ ଷୋଡ଼ଶ ବିଧାନସଭାର ଦଶମ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବାରୁ ବିଧାନସଭାରେ ବିଭାଗ ସମ୍ବନ୍ଧୀୟ ସମ୍ଭାବ୍ୟ ଆଲୋଚନା ପାଇଁ ପ୍ରମୁଖ ➤ ପୃ-୬

### ରେରା ଆଇନ୍‌କୁ ନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ

## ଅଗଷ୍ଟ ୨୪ରେ ପରବର୍ତ୍ତୀ ଶୁଣାଣୀ



**କଟକ :** ଆଗକୁ ନୂତନ ରେରା ଆଇନ କାର୍ଯ୍ୟକାରୀ ହବ। ଆଗାମୀ ୩ ମାସ ମଧ୍ୟରେ ଏହି ସଂଶୋଧିତ ରିଅଲ ଇଷ୍ଟେଟ ଆଇନ ରାଜ୍ୟରେ କାର୍ଯ୍ୟକାରୀ ହେବ ବୋଲି ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି ରାଜ୍ୟ ସରକାର। ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା (ସଂଶୋଧିତ) ନିୟମାବଳୀ, ୨୦୨୧ର ବୈଧତାକୁ ଚାଲେଞ୍ଜ କରି ଦାୟର ମାମଲାରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ତରଫରୁ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଛି। ବିମଳେନ୍ଦୁ ପ୍ରଧାନଙ୍କ ମାମଲାରେ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଏସ୍.କେ. ମିଶ୍ରଙ୍କ ତରଫରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଛି ଯେ ହାଇକୋର୍ଟଙ୍କ ମେ ୧୨ର ନିର୍ଦ୍ଦେଶ ପରେ ମେ ୧୭ରେ ରାଜ୍ୟ ସରକାର ଓ ଓଡ଼ିଶା ରିଅଲ ଇଷ୍ଟେଟ୍ ରେଗୁଲେଟାରି ଅଥରିଟି(ଓରେରା) କର୍ତ୍ତୃପକ୍ଷଙ୍କ ବୈଠକ ଅନୁଷ୍ଠିତ ହୋଇଛି। ରିୟଲ୍ ଇଷ୍ଟେଟ୍ ପ୍ରକଳ୍ପରେ ସାଧାରଣ ଅଞ୍ଚଳ (କମନ୍ ଏରିଆ) ମାଲିକମାନଙ୍କୁ ନେଇ ଗଠିତ ➤ ପୃ-୬

### ବକ୍ରବାଣୀ



କଉଁଠି ଥିଲା ସେ ଟୁଙ୍ଗୁରୁ ଭୋଳ
କରୋନା ବେଳକୁ କଲା ସେ ଖେଳ
ବସେଇ ବର୍ଷାକୁ ଅଟୋରେ ନେଲା
ଫୋନ ଦେଇ ତାକୁ କିମିଆ କଲା
ମାନମହତକୁ ବର୍ଷା ସାଇଲା
ଗାମୁଛା ପିନ୍ଧେଇ ତାକୁ ରଖିଲା
ଟୁଙ୍ଗୁରୁ ପ୍ରେମରେ ହୁଏ ବାଉଳି
ହେଇଗଲାଣି କି ସିଏ ପାଗେଳି
ଧରିକି ହାତରେ ଗୋଲାପ ଫୁଲ
ଏବେ ବି କହୁଚି ପାଉଚି ଭଲ।

——— ଟୁଟୁ




ଭୁବନେଶ୍ୱର: ଏନ୍‌ଡିଏ ପକ୍ଷରୁ ରାଷ୍ଟ୍ରପତି ପଦ ପାଇଁ ଦ୍ରୌପଦୀ ମୁର୍ମୁଙ୍କ ନାମ ଘୋଷଣା ପରେ ଭୁବନେଶ୍ୱର ସ୍ଥିତ ଏମ୍‌ସିଏଲ୍ ଅତିଥି ଭବନରେ 'ଏକମାତ୍ର' ପରିବାରର ସଦସ୍ୟ ବିଶ୍ୱଜିତ ପଟ୍ଟନାୟକ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

### ଜମିଜମା ବିବାଦରୁ ପୋଲିସ ଉପସ୍ଥିତିରେ ମହିଳାଙ୍କୁ ମାଡ

## ଏଏସ୍ଆଇ କହିଲେ କୋର୍ଟ କ'ଣ ଥାନା ଉପରେ

**ଭୁବନେଶ୍ୱର :** ଲୋକେ ଅସୁବିଧାରେ ପଡିଲେ ପୋଲିସର ସହାୟତା ଖୋଜନ୍ତି। ଯେଉଁଠି ପୋଲିସ ସହଯୋଗ କରନ୍ତି ନାହିଁ ସେଠାରେ ଆଇନ ଅଦାଲତର ଆଶ୍ରୟ ନେବାକୁ ପଡିଥାଏ। ଧଉଳି ଥାନା ଅଧିନ ନୂଆଗାଁ ରୁଦ୍ରବିହାରରେ ସେମିତି ଏକ ଘଟଣା ଘଟିଛି। ପ୍ରଥମେ ଅଭିଯୋଗକାରୀ

### ଧଉଳି ଥାନାର ବିଚିତ୍ର ନ୍ୟାୟ



ବିଜୟଲକ୍ଷ୍ମୀ ବେହେରା ପୋଲିସର ଦ୍ୱାରସ୍ଥ ହୋଇ ନିରାଶ ହୋଇଥିଲେ। ପରେ ସେ କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ମାମଲାର ଫଇସଲା ନହେବା ପର୍ଯ୍ୟନ୍ତ ଏକ ଜମି ଉପରେ ସ୍ଥିତାବସ୍ଥା ଜାରି ରହିବ। ମାତ୍ର ବିଡମ୍ବନାର ବିଷୟ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ ଅଭିଯୋଗକାରୀଙ୍କୁ ସହାୟତା କରିବା ପରିବର୍ତ୍ତେ ଜବରଦଖଲକାରୀଙ୍କୁ ସହଯୋଗ କରିଛି। କଥା କେବଳ ଏତିକିରେ ସରିନାହିଁ। ପୋଲିସ ଅଭିଯୋଗକାରୀ ଶ୍ରୀମତୀ ବେହେରାଙ୍କୁ ମାଡ ମାରିବାକୁ ମଧ୍ୟ ପଛାଇନାହିଁ। ସୂଚନା ଅନୁଯାୟୀ ଶ୍ରୀମତୀ ବେହେରାଙ୍କ ପଡୋଶୀ ସହ ଜମିଜମା ବିବାଦକୁ ନେଇ ଅଦାଲତରେ ମାମଲା ବିଚାରାଧୀନ ରହିଛି। ଅଦାଲତଙ୍କ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଜମି ଉପରେ ସ୍ଥିତାବସ୍ଥା ଥିଲେ ମଧ୍ୟ ଗତ ୨୦ ତାରିଖ ଦିନ ପଡୋଶୀ ଛନ୍ଦାଶ୍ରୀ ବେହେରା ଓ ➤ ପୃ-୬





CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
ORERA
State Bank of India
THE BANKER TO EVERY INDIAN
Bhubaneswar Municipal Corporation
Progress Through Partnership for Better Bhubaneswar

EVOS PARADISE,
Near AIIMS Hospital,BBSR




For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in


## କଣ୍ଟେଇର ଚିକିତ୍ସାରେ ଅର୍ଥ ବାଧକ



**ବାରିପଦା, (ବିଜୁ ସିଂ):** ଆଜିର ଶିଶୁ କାଲିର ଭବିଷ୍ୟତ। ମାତ୍ର ଏହିପରି ଏକ ଶିଶୁ ବିଷୟରେ ଆଜି ଜାଣିବାକୁ ମିଳିଅଛି ଯିଏକି ଶୈଶବ ଅବସ୍ଥାରୁ ହିଁ ରୋଗାକ୍ରାନ୍ତ। ଯେଉଁ ସମୟରେ ଖେଳିବୁଲି ନିଜର ଜୀବନର ମଜା ନେବାକଥା। ମାତ୍ର ସେହିସମୟରେ ସିଏ ନିଜର ଦୁଇ ଗୋଡରେ ଠିଆ ହୋଇପାରୁନାହିଁ ମାଟି ଉପରେ। ମନରେ ଅନେକ ଇଚ୍ଛା ହସ ଖୁସି ଖେଳ କୁଦ ସାଙ୍ଗକୁ ପାଠପଢି ଅନ୍ୟ ସାଙ୍ଗ ପିଲାମାନଙ୍କ ଭଳି ନିଜକୁ ଗଢିତୋଳିବା। କିନ୍ତୁ ଖେଳ କୁଦରେ ନିଜକୁ ସାମିଲ କରିପାରେନାହିଁ। କୁହାଯାଏ ଯାହାର ପାଠ ପଢିବାର ଇଚ୍ଛା ଶକ୍ତି ଥାଏ ତାକୁ ଘରର ଚାରିକାନ୍ଥ କେବେହେଲେ ଆବଦ୍ଧ କରିରଖିପାରିବନାହିଁ। ତେଣୁ ନିଜର ଏହି ଇଚ୍ଛାକୁ ସାକାର କରିବାପାଇଁ ଭିନ୍ନକ୍ଷମ ଶିଶୁ ହୋଇ ମଧ୍ୟ ସକାଳୁ ସମୟ ହେଲେ ବାହାରିପଡେ ନିଜ ବିଦ୍ୟାଳୟକୁ। ଜନ୍ମବେଳୁ ପାଦ ଦୁଇଟି କେବେ ତଳେ ଲାଗିନାହିଁ। ଜନ୍ମ ବେଳୁ ଆଣ୍ଠୁ ପାଖରୁ ଗୋଡ ଦୁଇଟି ସମ୍ପୂର୍ଣ୍ଣ ବଙ୍କା। ତେଣୁ ନିଜର ଆଣ୍ଠୁର ସାହାରାରେ ବହୁତ କଷ୍ଟରେ ଚାଲାବୁଲା କରେ। ଅତ୍ୟନ୍ତ ଗରିବ ପରିବାରରେ ଜନ୍ମ ହେବା ସହିତ ଚାଲିବାରେ ଅକ୍ଷମ ଥାଇ ମଧ୍ୟ ପଢିବାର ଇଚ୍ଛା ଶକ୍ତି ଆଗରେ ନିଜର ସମସ୍ତ କଷ୍ଟକୁ ସିଏ ଭୁଲିଯାଏ। ଆଉ ସେହିପରି ଆଣ୍ଠୁ ସାହାଯ୍ୟରେ ପାଖାପାଖି ଏକ କିଲୋମିଟରରୁ ଊର୍ଦ୍ଧ୍ୱ ସାଙ୍ଗମାନଙ୍କ ସହିତ ବିଦ୍ୟାଳୟ ଯାଇଥାଏ। ତାର ଏହି ପଢିବାର ଇଚ୍ଛା ଶକ୍ତି ପାଇଁ ବିଦ୍ୟାଳୟରେ ସାଙ୍ଗମାନଙ୍କ ସମେତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ପ୍ରଶଂଶାର ପାତ୍ର ପାଲଟିଛି ସିଏ। ଏହି ରୋଗରୁ ମୁକ୍ତ ହେବାପାଇଁ ଅର୍ଥ ସାଜିଛି ବାଧକ। ମୟୂରଭଞ୍ଜ ଜିଲା ଶମାଖୁଣ୍ଟା ବ୍ଲକ ଅନ୍ତର୍ଗତ ବାଉଁଶବିଲା ଗ୍ରାମ ପଞ୍ଚାୟତର ପୋଡାଅସ୍ଥିଆ ଗ୍ରାମର ବାବାଜି ସିଂ ଓ ଆଲାଦି ସିଂଙ୍କ କନ୍ୟା କଣ୍ଟେଇ ସିଂ (୧୧)। ଅତ୍ୟନ୍ତ ଗରିବ ପରିବାର ହେତୁ ସନ୍ତାନର କଷ୍ଟକୁ ମାତା ପିତା ଦେଖି ମଧ୍ୟ ନିରୂପାୟ ହୋଇ ରହିଛନ୍ତି। ମୂଲ ଲାଗିଲେ ଘର ଚଳେ। ଘରେ ସ୍ୱାମୀ ସ୍ତ୍ରୀଙ୍କ ସମେତ ସାତ କୁଟୁମ୍ବ। ପାଞ୍ଚ ଜଣ ପୁଅ ଝିଅଙ୍କ ମଧ୍ୟରୁ କଣ୍ଟେଇ ସବୁଠାରୁ ସାନ। ବାପ ପାଖ ଜଙ୍ଗଲରୁ କେବେ କେମିତି ଜାଳେଣି କାଠ ଆଣି ବିକ୍ରି କରୁଥିବାବେଳେ ମା ଅନ୍ୟ ପାଖରେ ମୂଲ ଲାଗି ଆଣିଲେ ସାତ କୁଟୁମ୍ବଙ୍କ ମୁହଁରେ ଆହାର ପଡେ। ସେମାନଙ୍କୁ ପଚାରିଲେ କୁହନ୍ତି ଘର ଚଳିବାକୁ କଷ୍ଟ ହୋଇ ପଡୁଥିବାବେଳେ ଛୁଆର ଚିକିତ୍ସା ପାଇଁ ଟଙ୍କା କେଉଁଠୁ ଆଣିବି। ତେଣୁ ସମସ୍ତଙ୍କ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବେ। ଅନେକ ଦିଗରୁ ଧନପ୍ରାପ୍ତି ଯୋଗ ଅଛି। ରାତିରେ ବିଳମ୍ବ ପର୍ଯ୍ୟନ୍ତ ବାହାରେ ରହନ୍ତୁନାହିଁ। ଛାତ୍ରମାନଙ୍କୁ ଶିକ୍ଷକ ଓ ଅଭିଭାବକଙ୍କ ସହଯୋଗ ମିଳିବ। ପ୍ରତିକାର : ପ୍ରଭୁ ହନୁମାନଙ୍କ ଆଗରେ ହନୁମାନ ଚାଳିଶା ପାଠ କରନ୍ତୁ।

**ବୃଷ** ଅଧିକ ଓଜନ ଉଠାନ୍ତୁ ନାହିଁ। କଷ୍ଟ ଯୋଗ ଅଛି। ଅର୍ଥପ୍ରାପ୍ତି ହେବ। ପରିବାରରେ ଶାନ୍ତି ପାଇବେ। ଛାତ୍ରମାନେ ପ୍ରତ୍ୟେକ ପରୀକ୍ଷାରେ ସଫଳତା ପାଇବେ। ଦମ୍ପତିମାନଙ୍କ ସମ୍ପର୍କ ମଜବୁତ ହେବ। ପ୍ରତିକାର : ଛୋଟ ଝିଅ ପିଲାଙ୍କ ଚରଣ ସ୍ପର୍ଶ କରି ଆଶୀର୍ବାଦ ନିଅନ୍ତୁ।

**ମିଥୁନ** ଉତ୍ତମ ସ୍ୱାସ୍ଥ୍ୟ ରହିବ। ପୁରୁଣା ଋଣ ପରିଶୋଧ କରିବେ। କାର୍ଯ୍ୟକ୍ଷେତ୍ରରେ ସଠିକ୍ ନିଷ୍ପତ୍ତି ନିଅନ୍ତୁ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ। ପ୍ରତିକାର : ବୁଧବାର ଦିନ ଗୋମାତାଙ୍କ ସେବା କରନ୍ତୁ ଓ ସବୁଜ ଘାସ ବା ଚାରା ଖୁଆନ୍ତୁ।

**କର୍କଟ** ମନ ଅସ୍ଥିର ରହିବ। ଆର୍ଥିକ ସ୍ଥିତି ମଜବୁତ ହେବ। ଘରକୁ ନୂଆ ବନ୍ଧୁ ଆସି ପାରନ୍ତି। ପ୍ରତିଯୋଗିତାତ୍ମକ ପରୀକ୍ଷାରେ ସଫଳତା ମିଳିବ। ପ୍ରତିକାର : ଭଗବାନ ଶିବଙ୍କ ରୁଦ୍ରାଭିଷେକ କରନ୍ତୁ।

**ସିଂହ** ଥଣ୍ଡା ଓ ଶ୍ୱାସ ଜନିତ ରୋଗ ହୋଇପାରେ। ଅର୍ଥ ସଙ୍କଟ ଦୂର ହେବ। କାର୍ଯ୍ୟକ୍ଷେତ୍ରରେ ସଫଳତା ଆପଣଙ୍କୁ ଅହଂକାରୀ ହୋଇପାରନ୍ତି। ପ୍ରତିକାର : ସୂର୍ଯ୍ୟ ଅଷ୍ଟକ ପାଠ କରନ୍ତୁ।

**କନ୍ୟା** ରକ୍ତଚାପ ଜନିତ ରୋଗ ହୋଇପାରେ। ପେଷାରୁ ଭଲ ଆୟର ଯୋଗ ଅଛି। ଅର୍ଥ ବିନିଯୋଗରୁ ଲାଭ ଆଶା ଅଛି। କାର୍ଯ୍ୟ କ୍ଷେତ୍ରରେ ସଫଳ ହେବେ। ପ୍ରତିକାର : ବିଷ୍ଣୁ ସହସ୍ର ନାମ ପାଠ କରନ୍ତୁ।

**ତୁଳା** ପୁରୁଣା ରୋଗରୁ ମୁକ୍ତି ମିଳିବ। ଅର୍ଥହାନୀ ହୋଇପାରେ। ପରିବାର ପାଇଁ ସମୟ ଦିଅନ୍ତୁ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇଁ ସଠିକ ପଦକ୍ଷେପ ନିଅନ୍ତୁ। ଉଚ୍ଚଶିକ୍ଷା ପାଇଁ ସମୟ ଅନୁକୂଳ। ପ୍ରତିକାର : ମହାଲକ୍ଷ୍ମୀଙ୍କ ମନ୍ତ୍ର ୧୦୮ଥର ଜପ କରନ୍ତୁ।

**ବିଛା** ଧନର ଅଭାବ ଅନୁଭବ କରିବେ। ଖରାପ ବ୍ୟବହାର ପାଇଁ ନିଜ ଲୋକ ସହ ମନାନ୍ତର ହୋଇପାରେ। ଉଚ୍ଚ ଅଧିକାରୀଙ୍କ ଠାରୁ ପ୍ରଶଂସା ପାଇଷବ। ପ୍ରତିକାର : ଛୋଟ ବାଳକଙ୍କୁ ମଙ୍ଗଳବାର ଦିନ ଚଣା ଗୁଡ ବାଣ୍ଟନ୍ତୁ।

**ଧନୁ** ଆଖି ରୋଗରୁ ମୁକ୍ତି ମିଳିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ଶୁଭ ଖବର ପାଇବେ। ଛାତ୍ରଙ୍କୁ ପରିଶ୍ରମର ଫଳ ମିଳିବ। ଜୀବନସାଥୀ ଉଦାସ ରହିପାରନ୍ତି। ପ୍ରତିକାର : ହଳଦିଆ ଟିକା ମଥାରେ ଲଗାନ୍ତୁ।

**ମକର** ନିଜେ ନିଜେ ଔଷଧ ଖାଆନ୍ତୁ ନାହିଁ। ପୂର୍ବରୁ ଆବେଦନ କରିଥିବା ଋଣ ମଞ୍ଜୁର ହୋଇପାରେ। ଛାତ୍ରମାନେ ସଫଳତା ପାଇବେ। ପ୍ରେମୀଙ୍କ ସହ ଅଧିକ ସମୟ କଟାଇବେ। ପ୍ରତିକାର : ଶନିବାର ଶନି ଶ୍ଳୋକ ପାଠ କରନ୍ତୁ।

**କୁମ୍ଭ** ପେଟ ସମସ୍ୟା ଦେଖା ଦେଇପାରେ। ଯାତ୍ରା ଯୋଗୁଁ ଖର୍ଚ୍ଚରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ଛାତ୍ରମାନେ ପାଠରେ ମନଦେବେ। ଜୀବନସାଥୀଙ୍କ ସହ ସମ୍ବନ୍ଧରେ ସରଳତା ଆସିବ। ପ୍ରତିକାର : ଶନିବାର ଓ ମଙ୍ଗଳବାର ଦିନ ବଜରଙ୍ଗ ବାଣ ପାଠ କରନ୍ତୁ।

**ମୀନ** ଜମିଜମାରୁ ଅର୍ଥ ପ୍ରାପ୍ତି ଯୋଗ ଅଛି। ଅନେକ ଦିଗରୁ ସୁଯୋଗ ମିଳିବ। ଛାତ୍ରମାନେ ଲକ୍ଷ୍ୟପ୍ରାପ୍ତି ପାଇଁ ମନ ଓ ଚିତ୍ତସ୍ଥିର ରଖନ୍ତୁ। ପ୍ରେମ ପାଇଁ ଆପଣ କୌଣସି କାର୍ଯ୍ୟରେ ଏକାଗ୍ରତା ରଖିପାରିବେ ନାହିଁ। ପ୍ରତିକାର : ଗୁରୁବାର ଦିନ ବ୍ରତ ରଖନ୍ତୁ କିମ୍ବା ଓସ୍ତଗଛ ଲଗାନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ନୂଆ ସଂସଦ ଭବନରେ ହେବ ଶୀତକାଳୀନ ଅଧିବେଶନ

**ନୂଆଦିଲ୍ଲୀ :** ସଂସଦର ଶୀତକାଳୀନ ଅଧିବେଶନ ନୂଆ ଭବନରେ ହେବ। ଏହି ବିଲ୍ଡିଂଟି ଟେକ୍ନିକ୍ ଏବଂ ସୁରକ୍ଷା ଦୃଷ୍ଟିରୁ ପୁରୁଣା ବିଲ୍ଡିଂ ଠାରୁ ବେଶ୍ ଭଲ। ଏଥିପାଇଁ ସରକାର ଜୋର୍ସୋର୍ରେ ଉଦ୍ୟମ ଜାରି ରଖିଛନ୍ତି। ଏନେଇ ଲୋକସଭା ବାଚସ୍ପତି ଓମ୍ ବିର୍ଲା ସୂଚନା ଦେଇଛନ୍ତି। ବାଚସ୍ପତିଙ୍କ ଏହି ସୂଚନା ପରେ ଦେଶରେ ନୂଆ ସଂସଦ ଭବନର ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା କୁହାଯାଉଛି। ଯଦି ସବୁକିଛି ଯୋଜନା ମୁତାବକ ଚାଲେ ତେବେ



ଶୀତକାଳୀନ ଅଧିବେଶ ନୂଆ ସଂସଦରେ ହେବ ବୋଲି ରବିବାର ବାଚସ୍ପତି ଓମ ବିର୍ଲା ସୂଚନା ଦେଇଛନ୍ତି। ସେ କହିଛନ୍ତି 'ନୂଆ ସଂସଦ ଭବନରେ ଶୀତକାଳୀନ ଅଧିବେଶନ ଆରମ୍ଭ କରିବାକୁ ଆମେ ଜୋର୍ସୋର୍ରେ ଉଦ୍ୟମ ଜାରି ରଖିଛୁ। ଏହି ବିଲ୍ଡିଂ ଆତ୍ମନିର୍ଭର ଭାରତର ଛବିକୁ ପ୍ରଦର୍ଶନ କରୁଛି।' ସେ ଆହୁରି କହିଛନ୍ତି, 'ଗତ ଦୁଇ ବର୍ଷ ଦେଶରେ କରୋନା ମହାମାରୀ ଚାରିଆଡେ ଆତଙ୍କ ଖେଳାଇଥିଲା। ତେବେ ସଂକ୍ରମଣ ସମୟରେ ବି ନୂଆ ସଂସଦ ଭବନର କାମରେ କୌଣସି ବାଧା ଆସିନଥିଲା। ବିଲ୍ଡିଂ ପ୍ରଡକ୍ଟିଭ ଉପର କୌଣସି ପ୍ରଭାବ ପଡିନଥିଲା।' ସୂଚନା ଥାଉକି ନୂଆ ସଂସଦ ଭବନର ନାଁ ଏପିଜେ ଅବଦୁଲ୍ କଲାମଙ୍କ ନାମରେ ନାମକରଣ କରିବାକୁ ମେ ମାସରେ ମୋଦି ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ବିରୋଧୀ। କଲାମଙ୍କ ନାଁରେ ନାମକରଣ କରି ଦେଶକୁ ସାମ୍ପ୍ରଦାୟିକ ସଦ୍ଭାବନାର ବାର୍ତ୍ତା ଦେବାକୁ ବିରୋଧୀ କହିଥିଲା। ଏହି ପ୍ରସ୍ତାବକୁ ନେଇ ବର୍ତ୍ତମାନ ସୁଧା କେନ୍ଦ୍ର ସରକାରଙ୍କର ଆଭିମୁଖ୍ୟ ସ୍ପଷ୍ଟ ହୋଇନାହିଁ। ତେବେ ଚଳିତ ବର୍ଷ ଅକ୍ଟୋବର ମାସ ସୁଧା ନୂଆ ବିଲ୍ଡିଂରେ କାର୍ଯ୍ୟ ଶେଷ ହେବ ବୋଲି କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ସୂଚନା ଦେଇଛନ୍ତି।

## ଦିନକର ଗୁପ୍ତା ଏନଆଇଏର ନୂଆ ଡିଜି



**ନୂଆଦିଲ୍ଲୀ :** ବରିଷ୍ଠ ଆଇପିଏସ୍ ଦିନକର ଗୁପ୍ତାଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନଆଇଏ)ର ଡିଜି ଭାବେ ନିଯୁକ୍ତି ମିଳିଛି। ଗୁରୁବାର କେନ୍ଦ୍ର ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଦିନକର ଗୁପ୍ତା ହେଉଛନ୍ତି ୧୯୮୭ ମସିହା ପଞ୍ଜାବ କ୍ୟାଡରର ଆଇପିଏସ୍ ଅଫିସର। ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି ଶ୍ରୀ ଗୁପ୍ତାଙ୍କୁ ଏନଆଇଏ ମହାନିର୍ଦ୍ଦେଶକ ଭାବେ ୨୦୨୪ ମାର୍ଚ୍ଚ ୩୧ ଯାଏ କାର୍ଯ୍ୟ କରିବାକୁ କହିଛି। ଶ୍ରୀ ଗୁପ୍ତା ପଞ୍ଜାବ ପୁଲିସ ମୁଖ୍ୟ ଭାବେ କାମ କରୁଥିଲେ। କିନ୍ତୁ କଂଗ୍ରେସ ନେତା ଚରଣଜିତ ସିଂହ ଚନ୍ନି ମୁଖ୍ୟମନ୍ତ୍ରୀ ହେବା ପରେ ତାଙ୍କୁ ଗତବର୍ଷ ଅକ୍ଟୋବର ମାସରେ ଏହି ପଦରୁ ବିଦା କରାଯାଇଥିଲା। ପୁଲିସ୍ ମୁଖ୍ୟ ପଦରୁ ହଟାଇ ଶ୍ରୀ ଗୁପ୍ତାଙ୍କୁ ଚନ୍ନି ସରକାର ପଞ୍ଜାବ ପୁଲିସ୍ ହାଉସିଂ କର୍ପୋରେସନର ଅଧକ୍ଷ କରାଯାଇଥିଲେ। ତେବେ ସେ ଚନ୍ନି ସରକାର କ୍ଷମତାକୁ ଆସିବା ମାତ୍ରେ ମାସେ ଛୁଟିରେ ଚାଲି ଯାଇଥିଲେ। ଶ୍ରୀ ଗୁପ୍ତାଙ୍କୁ ପୁଲିସ୍ ମୁଖ୍ୟ ପଦରୁ ହଟାଇ ପଞ୍ଜାବ ସରକାର ୧୯୮୮ ବ୍ୟାଚର ଆଇପିଏସ ଇକବାଲ ପ୍ରୀତ ସିଂହ ସାହୋଟାଙ୍କୁ ଡିଜି କରିଥିଲେ। ହେଲେ ଏବେ କେନ୍ଦ୍ର ସରକାର ଆଇପିଏସ୍ ଗୁପ୍ତାଙ୍କୁ ସିଧା ଏନଆଇଏର ମହାନିର୍ଦ୍ଦେଶକ ପଦରେ ନିଯୁକ୍ତି ଦେଇଛନ୍ତି।

## ବିପଦରେ ମଧ୍ୟବୟସ୍କଙ୍କ ଜୀବନ !

**ନୂଆଦିଲ୍ଲୀ :** ମଧ୍ୟ ବୟସ୍କଙ୍କ ପାଇଁ ସତର୍କ ଘଣ୍ଟି।୧୦ ସେକେଣ୍ଡର ଫିଜିକାଲ ଟେଷ୍ଟରେ ଫେଲ ମାରିଲେ ମୃତ୍ୟୁ ଆଶଙ୍କା ଅଧିକ। ଗୋଟିଏ ଗୋଡ଼ରେ ଠିଆ ନ ହୋଇ ପାରିଲେ,ମରିବାର ବିପଦ ଅଧିକ। ମାତ୍ର ୧୦ ସେକେଣ୍ଡ ପାଇଁ ଏକ ନିର୍ଦ୍ଦିଷ୍ଟ ମୁଦ୍ରାରେ ଗୋଟିଏ ଗୋଡ଼ରେ ଭାରସାମ୍ୟ ରଖି ନଥିପାରୁନଥିବା ବ୍ୟକ୍ତି ଆଗାମୀ ୧୦ ବର୍ଷ ମଧ୍ୟରେ ମୃତ୍ୟୁ ବରଣ କରିବାର ବିପଦ ରହିଛି। ବ୍ରିଟିଶର ଏକ ସ୍ପୋର୍ଟ ମେଡିସିନ୍ ଜର୍ନାଲରେ ଏମିତି ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଗବେଷଣାରୁ ଜଣା ପଡିଛି,ମାତ୍ର ୧୦ ସେକେଣ୍ଡ ପାଇଁ ଗୋଟିଏ ଗୋଡ଼ରେ ଠିଆ ହୋଇ ପାରୁ ନଥିବା ମଧ୍ୟବୟସ୍କଙ୍କ ଭିତରୁ ପ୍ରାୟ ୮୪ ପ୍ରତିଶତ ଆଗାମୀ ୧୦ ବର୍ଷ ମଧ୍ୟରେ ମୃତ୍ୟୁ ବରଣ କରିବାର ଆଶଙ୍କା ରହିଛି । ବିନା କୌଣସି ସହଯୋଗରେ ଗୋଟିଏ ଗୋଡ଼ରେ ଠିଆ ହୋଇ ପାରୁନଥିବା ବ୍ୟକ୍ତି ଅସୁସ୍ଥ ବୋଲି ଜାଣି ରଖିବା ଦରକାର। ୨୦୦୯ରେ ବ୍ରାଜିଲର ୧୭୦୨ ଜଣ ୫୦ ବର୍ଷ ବୟସ୍କଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ନେଇ ଏକ ସର୍ଭେ କରାଯାଇଥିଲା। ଗୋଟିଏ ଗୋଡ଼ରେ ଏକ ନିର୍ଦ୍ଦିଷ୍ଟ ମୁଦ୍ରାରେ ୧୦ ସେକେଣ୍ଡ ପାଇଁ ଠିଆ ହୋଇ ପାରୁନଥିବା ବ୍ୟକ୍ତିର ଭବିଷ୍ୟତ ୧୦ ବର୍ଷ ପରେ କଣ ହେବ ଏ ନେଇ ଚାଲିଥିଲା ଗବେଷଣା। ଆଉ ସେହି ଗବେଷଣା ଆଧାରରେ ଜଣା ପଡିଛି ଯେ, ମଧ୍ୟବୟସ୍କଙ୍କ ଜୀବନ କେତେ ବିପଦରେ। ଯଦି କେହି ଏହାକୁ ପରୀକ୍ଷା କରିବାକୁ ଚାହୁଁଥିବ, ତାହାଲେ ଭୂମିରେ ଗୋଟିଏ ପାଦ ରଖି, ଅନ୍ୟପାଦଟି ଗୋଟିଏ ହାତରେ ପଛପଟୁ ଉପରକୁ ଉଠାଇବାକୁ ପଡିବ। ଏବଂ ଅନ୍ୟହାତଟି ସମ୍ମୁଖକୁ ରଖି ବଢାଇବାକୁ ପଡିବ। ଏହା ଏକ ପ୍ରକାର ଭାରତୀୟଙ୍କ ଯୋଗାସନର ମୁଦ୍ରା। ଏହିମୁଦ୍ରାକୁ ନେଇ ଗବେଷଣା କରାଯାଇଥିଲା।ଏଥିପାଇଁ ପ୍ରତି ବ୍ୟକ୍ତିଙ୍କୁ ୩ ଥର ସୁଯୋଗ ଦିଆଯାଇଥିଲା। ତେବେ ପ୍ରତି ୫ ଜଣରୁ ଜଣେ ହିଁ ଗୋଟିଏ ଗୋଡ଼ରେ ଭାରସାମ୍ୟ ରଖି ଠିଆ ହେବାକୁ ସକ୍ଷମ ହୋଇ ପାରିଥିଲା। କେବଳ ବ୍ରାଜିଲ ନୁହେଁ, ଫିନଲାଣ୍ଡସ ଅଷ୍ଟ୍ରେଲିଆ,ଯୁକ୍ତରାଷ୍ଟ୍ର ଆମେରିକାରେ ମଧ୍ୟ ଏହି ସର୍ଭେ କରାଯାଇଛି। ପ୍ରତି ବର୍ଷ ସାରା ବିଶ୍ୱରେ ପ୍ରାୟ ୬ ଲକ୍ଷ୮୦ ହଜାର ଲୋକ ପ୍ରାଣ ହରାଉଛନ୍ତି। ତେଣୁ ଏହି ୧୦ ସେକେଣ୍ଡର ପରୀକ୍ଷା ହିଁ ବ୍ୟକ୍ତିର ସ୍ୱାସ୍ଥ୍ୟାବସ୍ଥା କେତେ ସଙ୍କଟାପର୍ଣ୍ଣ ତାହା ଜାଣିବା ପାଇଁ ବେଶ ଭଲ ଉପାୟ ବୋଲି ମତ ରଖିଛନ୍ତି ଗବେଷକ। ତେବେ ମୃତ୍ୟୁର କାରଣ କ'ଣ ହୋଇଥାଏ ପାରେ, ଏହି ପରୀକ୍ଷାରୁ ତାହା ସ୍ପଷ୍ଟ ହୋଇ ପାରି ନାହିଁ।

## ପ୍ରଧାନମନ୍ତ୍ରୀ ବିକ୍ରମ ସିଂଘେଙ୍କ ସ୍ୱୀକାର
# ଶ୍ରୀଲଙ୍କା ଦେବାଳିଆ



**କଲୋମ୍ବୋ :** ଶ୍ରୀଲଙ୍କାର ନୂଆ ପ୍ରଧାନମନ୍ତ୍ରୀ ବିକ୍ରମ ସିଂଘେ ସ୍ୱୀକାର କରିଛନ୍ତି ଯେ ଦେଶର ଅର୍ଥନୀତି ପୁରା ଭୁସୁଡ଼ି ପଡ଼ିଛି ଓ ଏବେ ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ ସହ ବୁଝାମଣା କରିବା କେବଳ ଏକମାତ୍ର ବିକଳ୍ପ ରହିଛି। ଏବେ ଶ୍ରୀଲଙ୍କା ବହୁତ ଗମ୍ଭୀର ପରିସ୍ଥିତିର ସାମ୍ନା କରୁଛି। ଦେଶ ଇନ୍ଧନ,ଗ୍ୟାସ୍, ବିଜୁଳି ଓ ଖାଦ୍ୟ ସମସ୍ୟା ସହିତ ସଂଘର୍ଷ କରୁଛି। ବିଦେଶୀ ମୁଦ୍ରାର ଅଭାବ ଯୋଗୁ ଏବେ ଦେଶର ଇନ୍ଧନ କିଣିବାର କ୍ଷମତା ନାହିଁ। ଦେବାଳିଆ ହୋଇଥିବା ଶ୍ରୀଲଙ୍କା ପାଇଁ ଏବେ କେବଳ ଫ୍ରେଞ୍ଚ ଫଣ୍ଡ ଏଗ୍ରିମେଣ୍ଟ ହିଁ ଗୋଟିଏ ମାତ୍ର ରାସ୍ତା। ଆସନ୍ତା ୬ ମାସରେ ଶ୍ରୀଲଙ୍କାକୁ ୬ ଅରବ ଡଲାର୍ର ଜରୁରି ଆବଶ୍ୟକତା ରହିଛି। ଯାହାଫଳରେ ସେ ଅତ୍ୟାବଶ୍ୟକ ଜିନିଷ କିଣିପାରିବ, ଆମଦାନୀ ଟଙ୍କା ପୈଠ କରିପାରିବ ଓ ନିଜ ମୁଦ୍ରାପାଣ୍ଠିକୁ ସ୍ଥିର ପାରିବ। ଶ୍ରୀଲଙ୍କା ଏବେ ଅନ୍ତରାଷ୍ଟ୍ରୀୟ ମୁଦ୍ରା କୋଷ ସହିତ କଥାବାର୍ତ୍ତା ଆରମ୍ଭ କରିଛି। ଜୁଲାଇ ଶେଷ ସୁଦ୍ଧା ଆଇଏମଏଫ ସହିତ ଆମର ଆନୁଷ୍ଠାନିକ ବୁଝାମଣା ହୋଇଯିବ ବୋଲି ପ୍ରଧାନମନ୍ତ୍ରୀ ବିକ୍ରମ ସିଂଘେ କହିଛନ୍ତି। ଏହା ଛଡ଼ା ଶ୍ରୀଲଙ୍କା ଏବେ ତାର ମିତ୍ର ରାଷ୍ଟ୍ରମାନଙ୍କ ସହିତ କ୍ରେଡିଟ୍ ଏଡ୍ କନଫେରେନ୍ସ କରିବାର ଯୋଜନା କରୁଛି। ଏଥିରେ ଭାରତ, ଯାପାନ୍, ଚୀନ୍ ଓ ଅନ୍ୟ ଦେଶମାନେ ସାମିଲ୍ ହୋଇପାରନ୍ତି। ଏବେ ଶ୍ରୀଲଙ୍କା ଆଗରେ ବର୍ତ୍ତମାନର ସବୁଠାରୁ ବଡ଼ ସଙ୍କଟ ରହିଛି। ଗୋଟିଏ ପଟେ ଆର୍ଥିକ ସଙ୍କଟ ରହିଥିବା ବେଳେ ଅନ୍ୟପଟେ ସରକାରଙ୍କ ବିରୋଧରେ ପ୍ରଦର୍ଶନ କରାଯାଉଥିବାରୁ ରାଜନୈତିକ ଅସ୍ଥିରତା ମଧ ଜାରି ରହିଛି। ସୂଚନାଥାଉକି, କିଛିଦିନ ତଳେ ଶ୍ରୀଲଙ୍କାର ପୂର୍ବତନ ପ୍ରଧାନମନ୍ତ୍ରୀ ମହିନ୍ଦ୍ରା ରାଜପେକ୍ଷ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।

# ଘଣ୍ଟାପ୍ରତି ୨୦୦ କିମି ବେଗରେ ଗତି କରିବ ୧୦୦ ଟ୍ରେନ

**ନୂଆଦିଲ୍ଲୀ :** ଭାରତୀୟ ରେଲୱେର ଆରଡିଏସ୍ଓ ଦେଶରେ ଟ୍ରେନର ସ୍ପିଡ ଘଣ୍ଟାପ୍ରତି ୨୦୦ କିଲୋମିଟର କରିବା ପାଇଁ ୧୦୦ ଟ୍ରେନ କିଣିବାକୁ ପ୍ରସ୍ତୁତି ଆରମ୍ଭ କରିଛି। ଦେଶରେ ବର୍ତ୍ତମାନ ସମୟରେ ରାଜଧାନୀ ଏବଂ ଶତାବ୍ଦୀ ପରି ଏକ୍ସପ୍ରେସ ଟ୍ରେନ ଘଣ୍ଟାପ୍ରତି ୧୩୦ କିଲୋମିଟର ବେଗରେ ଗତି କରୁଛି। ଟ୍ରେନର ଗତି ଘଣ୍ଟାପ୍ରତି ୨୦୦ କିଲୋମିଟର ହେବା ଦ୍ୱାରା ଲୋକଙ୍କ ଯାତ୍ରା ସମୟ ୨ରୁ ୩ ଘଣ୍ଟା କମିବ। ଲକ୍ଷ୍ନୌରୁ ଦିଲ୍ଲୀର ଯାତ୍ରା ସମୟ



୨.୩୦ ଘଣ୍ଟା ହେବ। ସେହିପରି ଦିଲ୍ଲୀରୁ ପାଟନା ୫ ଘଣ୍ଟା ଏବଂ ଦିଲ୍ଲୀରୁ ମୁମ୍ବାଇ ୭ ଘଣ୍ଟା ହେବ। ବିମାନ ବନ୍ଦରରେ ରିପୋର୍ଟିଂ ଟାଇମ, ଚେକ୍ ଇନ ଏବଂ ସୁରକ୍ଷା ଯାଞ୍ଚ ସମୟକୁ ବାଦ ଦେଲେ ୮୦୦-୧୦୦୦ କିଲୋମିଟର ଦୂର ଯାତ୍ରାରେ ଟ୍ରେନ, ବିମାନ ଯାତ୍ରାକୁ ଟକ୍କର ଦେବ। ଆରଡିଏସଓର ଡିଜି ସଞ୍ଜୀବ ଭୁଟାନୀ କହିଛନ୍ତି, ନିକଟ ଭବିଷ୍ୟତରେ ଯାତ୍ରୀଙ୍କୁ ଉତ୍ତମ ସୁବିଧା ଯୋଗାଇବା ପାଇଁ ଅନେକ ଦିଗ ଉପରେ କାମ କରାଯାଉଛି। ଏହା ଜରିଆରେ ଘଣ୍ଟାପ୍ରତି ୨୦୦ କିଲୋମିଟର ବେଗରେ ଗତି କରି ପାରୁଥିବା ୧୦୦ ଟ୍ରେନ କିଣିବା ପାଇଁ ପ୍ରସ୍ତୁତି କରାଯାଉଛି। ଏଥିପାଇଁ ବିଜ୍ଞପ୍ତି ଜାରି କରାଯାଇଛି। ଭୁଟାନୀ କହିଛନ୍ତି, ଆରଡିଏସଓରେ ଉଭୟ ପଟୁ ପାୱାର ୟୁନିଟ ଲଗାଯାଇଛି। ଟ୍ରେନ ଗୁଡିକର ଟ୍ରାଏଲ ପାଇଁ ଟ୍ରାକ ଉପରେ କାମ କରାଯାଉଛି। ୨୦୨୨ ମାର୍ଚ୍ଚ ୪ରେ ରେଲୱେ କବଚର ସଫଳ ପରୀକ୍ଷଣ କଥା ମଧ ସେ କହିଛନ୍ତି। ଚଳିତ ବର୍ଷ ଠାରୁ ଟ୍ରେନ ଗୁଡିକରେ କବଚ ଲଗାଯିବ ଆରମ୍ଭ ହେବ। ଏହାଦ୍ୱାରା ଭବିଷ୍ୟତରେ ଟ୍ରେନ ଦୁର୍ଘଟଣାର ସମ୍ଭାବନା ହ୍ରାସ ହେବ ଏବଂ ଯାତ୍ରୀଙ୍କ ଯାତ୍ରା ଅଧିକ ସୁରକ୍ଷିତ ହୋଇପାରିବ।

## ଜୁଲାଇରୁ ବଦଳିବ ଲେବର କୋଡ୍ ନିୟମ

**ନୂଆଦିଲ୍ଲୀ :** ଜୁଲାଇ ୧ ତାରିଖରୁ ମୋଦି ସରକାର ଆପଣଙ୍କ କାର୍ଯ୍ୟାଳୟର କାର୍ଯ୍ୟ ସମୟରେ ବଡ଼ ପରିବର୍ତ୍ତନ କରିପାରନ୍ତି। ନୂଆ ମାସ ଆରମ୍ଭ ସହିତ କାର୍ଯ୍ୟାଳୟରେ ଆପଣଙ୍କ କାର୍ଯ୍ୟ ଘଣ୍ଟା ବଢିପାରେ। କର୍ମଚାରୀଙ୍କୁ କାର୍ଯ୍ୟାଳୟରେ ୮ରୁ ୯ ଘଣ୍ଟା ବଦଳେ ୧୨ ଘଣ୍ଟା କାର୍ଯ୍ୟ କରିବାକୁ ପଡିବ। ଲେବର କୋଡ ନିୟମ ୧ ଜୁଲାଇରୁ ଲାଗୁ କରିବା ପାଇଁ କେନ୍ଦ୍ରର ମୋଦି ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଏ ପର୍ଯ୍ୟନ୍ତ ବାବଦରେ କୌଣସି ଅଧିକାରୀକ ସୂଚନା ଆସି ନାହିଁ। ଯଦି ସରକାରଙ୍କ ନିୟମ କାର୍ଯ୍ୟକାରୀ ହୁଏ ତେବେ କମ୍ପାନୀମାନେ କର୍ମଚାରୀଙ୍କ କାର୍ଯ୍ୟଘଣ୍ଟା ୮ରୁ ୧୨ ଘଣ୍ଟାକୁ ବଢାଇ ପାରନ୍ତି। ଏଥିଲାଗି କମ୍ପାନୀ ପ୍ରାଧିକୃତ ହେବେ। ତେବେ ଦୈନିକ ଅଧିକ ୪ ଘଣ୍ଟା କାର୍ଯ୍ୟ ଲାଗି ସପ୍ତାହରେ ଅଧିକ ଦିନଟିଏ ଛୁଟି ମଧ ମିଳିବ। ଅର୍ଥାତ କର୍ମଚାରୀ ସପ୍ତାହରେ ଦିନକ ସ୍ଥାନରେ ଅଧିକ ଆଉ ଦିନେ ଅର୍ଥାତ ୩ ଦିନ ଛୁଟି ପାଇବେ। ସପ୍ତାହରେ କର୍ମଚାରୀ ୪ ଦିନ ୧୦ରୁ ୧୨ ଘଣ୍ଟା କାର୍ଯ୍ୟ କରିବେ। ନୂଆ ଶ୍ରମ ଆଇନର ଅର୍ଥ ଏହା ହେବ ଓଭର ଟାଇମ ଅଧିକତମ ୫୦ ଘଣ୍ଟାରୁ ବଢି ୧୨୫ ଘଣ୍ଟା ହୋଇଯିବ। ସେହିପରି ନୂଆ ଶ୍ରମ ଆଇନ ଅନୁସାରେ କର୍ମଚାରୀଙ୍କ ବେତନ ହ୍ରାସ ହେବ ଓ ଭବିଷ୍ୟ ନିଧି ବଢିବ। ଏଥିରେ କର୍ମଚାରୀଙ୍କ ମୋଟ ବେସିକ ସାଲାରି ପିଏଫ୫୦ ପ୍ରତିଶତରୁ ଅଧିକ ହେବ। ଫଳରେ ଅଧିକାଂଶ କର୍ମଚାରୀଙ୍କ ବେତନ ସଂରଚନା ବଦଳିଯିବ। ବେସିକ ସାଲାରୀ ବଢିବା ଯୋଗୁ କର୍ମଚାରୀଙ୍କ ପିଏଫ ଓ ଗ୍ରାଚ୍ୟୁଟି ବାବଦ ଡିଡକ୍ସନ ଅଧିକ ହେବ। ପ୍ରୋଭିଡେଣ୍ଟ ଫଣ୍ଡ ବାବଦ ଦେୟ ବଢିବା ଯୋଗୁ କର୍ମଚାରୀ ପ୍ରତିମାସରେ ହାତରେ ନେଉଥିବା (ଟେକ୍ ହୋମ) ଦରମା ହ୍ରାସ ହେବ। ଫଳରେ କର୍ମଚାରୀଙ୍କ ଅବସରରେ ମିଳିବାକୁ ଥିବା ଅର୍ଥର ପରିମାଣ ବଢିଯିବ। କର୍ମଚାରୀଙ୍କ ଅବସର ପର ଜୀବନ ସୁଖମୟ ହେବ। ଅପରପଟେ କର୍ମଚାରୀଙ୍କ ପିଏଫ ବାବଦ ଦେୟ ବଢିବା ଯୋଗୁ କମ୍ପାନୀଙ୍କ ବ୍ୟୟ ମଧ ବଢିବ। କାରଣ କମ୍ପାନୀଙ୍କୁ କର୍ମଚାରୀଙ୍କ ପିଏଫରେ ଯୋଗଦାନ ପରିମାଣ ବଢିଯିବ।

## ମୁମ୍ବାଇରେ ପ୍ରତିଦିନ ହୃଦ୍‌ଘାତ ନେଉଛି ଶହେ ଜୀବନ

**ମୁମ୍ବାଇ :** ମୁମ୍ବାଇରେ ପ୍ରତିଦିନ ହୃଦଘାତ ନେଉଛି ଶହେ ଜୀବନ। କରୋନାଠୁ ଏହି ରୋଗ ବେଶୀ ଘାତକ ହୋଇଛି। ଏକ ଆରଟିଆଇ ତଥ୍ୟ ଉପରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଗତବର୍ଷ ମୁମ୍ବାଇରେ କରୋନାଜନିତ ମୃତ୍ୟୁ ଠାରୁ ଅଧିକ ମୃତ୍ୟୁ ହୃଦଘାତରେ ହୋଇଛି। ୨୦୨୧ ମସିହା ଜାନୁଆରୀ ଠାରୁ ଜୁନ ମଧ୍ୟରେ ଏଠାରେ କରୋନାରେ ୧୦ ହଜାର ୨୮୯ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ଯେତେବେଳେ କି ଏହି ବର୍ଷ ଏଠାରେ ହୃଦଘାତରେ ପ୍ରାୟ ୧୮ ହଜାର ଲୋକଙ୍କ ମୃତ୍ୟୁ ହୋଇଯାଇଛି। ଦେଶର ଆର୍ଥିକ ରାଜଧାନୀରେ ଏଭଳି ପରିସ୍ଥିତି ଏବେ ସାଧାରଣରେ ଭୟର ସଂଚାର ସୃଷ୍ଟି କରିଛି। ରିପୋର୍ଟ ମୁତାବକ, ହୃଦଘାତରେ ୨୦୧୮ ମସିହାରେ ୮ ହଜାର ୬୦୧ ଜଣ, ୨୦୧୯ ମସିହାରେ ୫ ହଜାର ୮୪୯ ଜଣ, ୨୦୨୦ରେ ୫ ହଜାର ୬୩୩ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା। ଯେତେବେଳେ



କି ଗତବର୍ଷ ଅର୍ଥାତ୍ ୨୦୨୧ ମସିହାରେ ହୃଦଘାତରେ ମୃତ୍ୟୁ ସଂଖ୍ୟା ୩ଗୁଣା ବୃଦ୍ଧି ପାଇଛି। ଯେତେବେଳେ କି ଗତବର୍ଷ ଜାନୁଆରୀ ଠାରୁ ଜୁନ୍ ପର୍ଯ୍ୟନ୍ତ ୬ମାସ ଭିତରେ ହୃଦଘାତରେ ୧୭ ହଜାର ୮୮୦ ଜଣଙ୍କ ମୃତ୍ୟୁ ହୋଇଯାଇଛି। ଆର୍ଥାତ୍ ପ୍ରତିଦିନ ମୁମ୍ବାଇରେ ପାଖାପାଖି ୧୦୦ ଜଣଙ୍କ ମୃତ୍ୟୁ ହୃଦଘାତରେ ହେଉଛି। ଆରଟିଆଇ ତଥ୍ୟ ମୁତାବକ କରୋନା ମହାମାରୀ ଆସିବା ପୂର୍ବରୁ ଏଠାରେ କ୍ୟାନ୍ସରରେ ସବୁଠାରୁ ଅଧିକ ଲୋକଙ୍କ ମୃତ୍ୟୁ ହେଉଥିଲା। କ୍ୟାନ୍ସର ଯୋଗୁ ଏଠାରେ ୨୦୧୮ରେ ୧୦ ହଜାର ୭୩ ଜଣ, ୨୦୧୯ରେ ୯ ହଜାର ୯୫୮ ଜଣ, ୨୦୨୦ରେ ୮ ହଜାର ୫୭୬ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୧ରେ ପ୍ରାୟ ୬ ହଜାର ୮୬୧ ଜଣଙ୍କ ମୃତ୍ୟୁ ହୋଇଛି। ଏନେଇ ବିଶେଷଜ୍ଞ ଡାକ୍ତରଙ୍କ କହିବା କଥା, ହୃଦଘାତ ବୃଦ୍ଧି ପାଇବାର ୩ଟି ପ୍ରମୁଖ କାରଣ ରହିଛି। କରୋନା ଠିକ୍ ହେବା ପରେ ହୃଦରୋଗୀଙ୍କୁ ଥ୍ରୋମ୍ବୋସିସ୍ ହେବା, ମହାମାରୀ କାରଣ ଯୋଗୁ ହୃଦରୋଗୀଙ୍କ ଚିକିତ୍ସାରେ ବିଳମ୍ବ ହେବା କିମ୍ବା ମୃତ୍ୟୁ ସଂଖ୍ୟା ଡାଟାକୁ ଠିକ୍ ଭାବେ ଅନୁଧ୍ୟାନ କରା ନ ଯିବା ଏହାର କାରଣ ହୋଇଥାଇପାରେ। କେବଳ ମୁମ୍ବାଇରେ ନୁହେଁ ବଂର ସମଗ୍ର ବିଶ୍ୱରେ ଏହି ମହାମାରୀ ସମୟରେ ହୃଦଘାତ ଜନିତ ମୃତ୍ୟୁ ସଂଖ୍ୟା ବଢ଼ିଛି ବୋଲି ବିଶେଷଜ୍ଞ ଡାକ୍ତର ଯୁକ୍ତି ବାଢ଼ିଛନ୍ତି। ସେହିପରି କରୋନା ପରେ ହୃଦୟରେ ବଢୁଥିବା ସଂକ୍ରମଣ ମୃତ୍ୟୁସଂଖ୍ୟା ବୃଦ୍ଧିର କାରଣ ବୋଲି ମଧ୍ୟ କୁହାଯାଉଛି।

# ଋଷ ଠାରୁ ୨୫% ତୈଳ ଆମଦାନୀ ବଢ଼ାଇଛି ଭାରତ

**ନୂଆଦିଲ୍ଲୀ :** ଋଷ ଠାରୁ ଶସ୍ତାରେ ମିଳୁଛି ଅଶୋଧିତ ତୈଳ। ଏହାକୁ ଦୃଷ୍ଟିରେ ରଖି ତୈଳ ଆମଦାନୀ ବଢ଼ାଇବାରେ ଲାଗିଛି ଭାରତ। କିଛିମାସ ଭିତରେ ଋଷ ଠାରୁ ୨୫ ପ୍ରତିଶତ ତୈଳ ଆମଦାନି ବଢ଼ାଇଛି ଭାରତ। ଭାରତ ନିଜ କମ୍ପାନୀମାନଙ୍କୁ ମଧ ଶସ୍ତାରେ ମିଳୁଥିବା ଏହି ତୈଳ ଅଧିକ ମାତ୍ରାରେ କିଣିବାକୁ ପରାମର୍ଶ ଜାରି କରିଛି। ଏହି କାରଣରୁ ଋଷକୁ ଅଧିକ ରାଜସ୍ୱ ମଧ ମିଳୁଛି। ଯେତେବେଳେ ଗୋଟାଏ ପଟେ ୟୁକ୍ରେନ୍ ସହ ଯୁଦ୍ଧ ପରେ ୟୁରୋପୀୟ ଦେଶମାନେ ଋଷ ଉପରେ କଡ଼ା ପ୍ରତିବନ୍ଧକ ଲଗାଇଛନ୍ତି। ଅନ୍ୟପଟେ ଋଷ ସହ ଭାରତ ବ୍ୟାପାର ସମ୍ପର୍କ ବଢ଼ାଇବାରେ ଲାଗିଛି। ଋଷ ଠାରୁ ଗତ ଫେବୃଆରୀରେ ଭାରତ ୩୦ ହାଜର ବ୍ୟାରେଲ ଅଶୋଧିତ ତୈଳ ଆମଦାନୀ କରିଥିଲା, ଜୁନରେ ଏହା ବଢ଼ି ୧୦ ଲକ୍ଷ ବ୍ୟାରେଲ ହୋଇଯାଇଛି। ଅନ୍ତରାଷ୍ଟ୍ରୀୟ ଉର୍ଜା ଏଜେନ୍ସି ମୁତାବକ ଏହି ମାତ୍ରା ଋଷ ଠାରୁ ୟୁରୋପ ଆମଦାନୀ କରୁଥିବା ତୈଳ ପରିମାଣର ଏକ ଚତୁର୍ଥାଂଶରୁ ଅଧିକ। ତେଣେ ୟୁରୋପୀୟ ସଂଘ ଋଷ ତୈଳ ନେଇ ଯାଉଥିବା ଜାହାଜର ବୀମା ଉପରେ ଆସନ୍ତା ଡିସେମ୍ବରରୁ ପ୍ରତିବନ୍ଧକ ଲଗାଉଥିବାରୁ ଏହାର ସମାଧାନ ନିମନ୍ତେ ଭାରତ ନିଜର ପ୍ରୟାଶ ଆରମ୍ଭ କରିଛି। ଯେପରି ଏହା ଆଗକୁ ତୈଳ ଅମଦାନୀ ଉପରେ କୌଣସି ପ୍ରଭାବ ପକାଇବନି। ୱାଲ୍ଡ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ମୁତାବକ, ଋଷରୁ ମିଳୁଥିବା ଶସ୍ତା ତୈଳକୁ ଭାରତ ହାତଛଡ଼ା କରିବାକୁ ଚାହୁଁନି। ଭାରତର ଜଣେ ଅଧିକାରୀଙ୍କ କହିବା ମୁତାବକ,



ସରକାର କେବେ ବି ତୈଳ କମ୍ପାନୀମାନଙ୍କୁ ଋଷ ତୈଳ କିଣିବାକୁ ନିର୍ଦ୍ଦେଶ ଦେଇନାହାନ୍ତି। ତେବେ ଋଷର ଅଶୋଧିତ ତୈଳ ଉପରେ କୌଣସି ପ୍ରତିବନ୍ଧକ ନ ଥିବାରୁ ବହୁ ଦେଶ ଏହାର ଆବଦାନୀ କରୁଛନ୍ତି। ସୂଚନା ଥାଉକି, ୟୁକ୍ରେନ୍ ସହ ଯୁଦ୍ଧ ପରେ ପଶ୍ଚିମ ଦେଶମାନେ ଋଷ ଠାରୁ ତୈଳ କିଣିବା କମାଇ ଦେଇଛନ୍ତି ଏବଂ ଅନେକ ପ୍ରତିବନ୍ଧକ ଲଗାଇଛନ୍ତି। ଫଳରେ ଋଷ କମ୍ପାନୀକୁ ଖୁବ୍ କ୍ଷତି ହେଉଛି। ତେବେ ଯଦି ଋଷ ଠାରୁ ଭାରତ ଗ୍ୟାସ୍ ଓ ତୈଳ ଆମଦାନୀ ବଢ଼ାଏ ତେବେ ଏହା ଋଷର କମ୍ପାନୀଗୁଡ଼ିକ ଉପରେ ଲାଗିଥିବା ପ୍ରତିବନ୍ଧକ ପ୍ରଭାବକୁ ହ୍ରାସ କରିବ। ଭାରତ ସହିତ ଚିନ୍ ଏବଂ ତୁର୍କୀ ମଧ ଋଷ ତୈଳ କିଣିବାରେ ପ୍ରମୁଖ ଭୂମିକା ନେବାରେ ଲାଗିଛନ୍ତି। ଯାହା ଋଷର ତୈଳ କମ୍ପାନୀଗୁଡ଼ିକୁ ବେଶ ଫାଇଦା ଦେଉଛି। ସୂଚନା ଥାଉକି, ୟୁକ୍ରେନ ଯୁଦ୍ଧ ପରେ ତୈଳ ଦର ବୃଦ୍ଧି ପାଇଥିଲା। ଯାହା ଏବେ ସାମାନ୍ୟ ସ୍ଥିତିକୁ ଫେରିଛି।

# ଦୟନୀୟ ସ୍ଥିତିରେ ଜେଲ୍ ଚିକିତ୍ସା ବ୍ୟବସ୍ଥା

## ୨୦ ହଜାର କଏଦୀଙ୍କୁ ୩୨ ଡାକ୍ତର
## ୭୯୨ ମାନସିକ ରୋଗୀଙ୍କ ଦାୟିତ୍ୱରେ ଜଣେ ଡାକ୍ତର



**କଟକ :** ରାଜ୍ୟରେ ୮୮ ଜେଲ୍ରେ ଚିକିତ୍ସା ବ୍ୟବସ୍ଥା ଏଭଳି ବିପର୍ଯ୍ୟସ୍ତ ହୋଇପଡ଼ିଛି ଯେ କଏଦୀ ଡାକ୍ତରୀ ଚିକିତ୍ସା ପାଇଁ ବିକଳ ହେଉଛନ୍ତି। ୧୯ ହଜାର ୭୯୯ ଜଣ କଏଦୀଙ୍କୁ ଚିକିତ୍ସା କରିବାକୁ ଅଛନ୍ତି ମାତ୍ର ୩୪ ଜଣ ଡାକ୍ତର। କରୋନା ପରେ ଜେଲ୍ରେ ମାନସିକ ରୋଗୀ ସଂଖ୍ୟା ବୃଦ୍ଧି ପାଇ ୭୯୨ରେ ପହଞ୍ଚିଛି। ଏତେସଂଖ୍ୟକ ରୋଗୀଙ୍କୁ ଚିକିତ୍ସା କରିବା ପାଇଁ କିନ୍ତୁ ଜଣେ ମାନସିକ ରୋଗ ଡାକ୍ତର ଅଛନ୍ତି। ବିପିଆରଡି(ବ୍ୟୁରୋ ଅଫ୍ ପୁଲିସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ)ର ନୂଆ ନିର୍ଦ୍ଦେଶାବଳୀ ଆଧାରରେ ଓଡ଼ିଶା ସରକାର ଜେଲରେ ଡାକ୍ତର ପଦବି ସଂଖ୍ୟା ତରବରିଆ ବୃଦ୍ଧି କରି ଦେଇଛନ୍ତି। କିନ୍ତୁ, ଡାକ୍ତର ନିଯୁକ୍ତି ହୋଇନାହିଁ। ଚିକିତ୍ସା ଭଳି ମୌଳିକ ସୁବିଧା କଏଦୀଙ୍କୁ ଯୋଗାଇ ନପାରି ବିପିଆରଡିକୁ କେବଳ ଅନ୍ଧାରରେ ରଖିଛନ୍ତି ସରକାର। କେନ୍ଦ୍ର ଗୃହ ମନ୍ତ୍ରାଳୟ ଅଧୀନରେ କାର୍ଯ୍ୟ କରୁଥିବା ବିପିଆରଡି(ବ୍ୟୁରୋ ଅଫ୍ ପୁଲିସ ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ) ୨୦୨୦ ସେପ୍ଟେମ୍ବର ୨୮ ତାରିଖରେ ଜାରି କରିଥିବା ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ, ରାଜ୍ୟରେ ଜେଲ୍ ଗୁଡ଼ିକୁ 'ଏ' ଓ 'ବି' ଦୁଇଟି ଶ୍ରେଣୀରେ ଭାଗ କରାଯାଇଛି। ୩୦ରୁ ଅଧିକ ବେଡ୍ ଥିବା ଜେଲ୍ର ଡାକ୍ତରଖାନାକୁ 'ଏ' ଶ୍ରେଣୀଭୁକ୍ତ କରାଯାଇଛି। ଏହି ଶ୍ରେଣୀର ଜେଲ୍ରେ ୩ ଜଣ ଡାକ୍ତର, ୩ ଜଣ ନର୍ସ, ୪ ଜଣ ଫାର୍ମାସିଷ୍ଟ, ୩ ଜଣ ନର୍ସିଂ ଆଟେଣ୍ଡାଣ୍ଟ, ଜଣେ ସାଇକ୍ରିଆଟିକ୍ ଡାକ୍ତର, ୨ ଜଣ ଲାବୋରେଟୋରି ଟେକ୍ନିସିଆନ୍ ରହିବେ। ସେହିଭଳି ୩୦ରୁ କମ୍ ବେଡ୍ ଥିବା ଜେଲ୍ର ଡାକ୍ତରଖାନାକୁ 'ବି' ଶ୍ରେଣୀଭୁକ୍ତ କରାଯାଇଥିବା ବେଳେ ସେଠାରେ ୨ ଜଣ ଡାକ୍ତର, ଦୁଇ ଜଣ ନର୍ସ, ୩ ଜଣ ଫାର୍ମାସିଷ୍ଟ, ୨ ଜଣ ନର୍ସିଂ ଆଟେଣ୍ଡାଣ୍ଟ, ଜଣେ ଲେଖାଏ ସାଇକ୍ରିଆଟିକ୍ ଡାକ୍ତର, ଜଣେ ଲାବୋରେଟୋରି ଟେକନିସିଆନ୍ ରହିବା ନେଇ ସ୍ପଷ୍ଟ ନିର୍ଦ୍ଦେଶନାମା ଓଡ଼ିଶାର ଜେଲ୍ ବିଭାଗ ନିକଟରେ ରହିଛି। କିନ୍ତୁ, ରାଜ୍ୟରେ ସ୍ଥିତି ସଙ୍ଗୀନ। ଜେଲରେ ୧୯ ହଜାର ୭୯୯ କ୍ଷମତା(ପୁରୁଷ ୧୭ ହଜାର ୯୫୭ ଏବଂ ମହିଳା ୧୮ ଶହ ୪୨) ଥିବାବେଳେ ବିପିଆରଡିର ନିର୍ଦ୍ଦେଶାବଳୀ ଆଧାରରେ ବର୍ତ୍ତମାନ ଜେଲ୍ ଡାକ୍ତରଖାନାର ଡାକ୍ତର ଓ ଡାକ୍ତରଖାନାର ସଂଖ୍ୟା କଏଦୀଙ୍କ ଅନୁପାତରେ ନାହିଁ। ଜେଲ୍ ବିଭାଗ ବ୍ରିଟିସ୍ ଅମଳର ଜେଲ୍ ମାନୁଆଲକୁ ଜାବୁଡ଼ି ବସିଛି। ବିପିଆରଡିର ନୂଆ ନିର୍ଦ୍ଦେଶାବଳୀ ଆଧାରରେ, ରାଜ୍ୟରେ ଡାକ୍ତର ମଞ୍ଜୁରୀ ପଦବି ୧୦୮ ଥିବାବେଳେ ୩୪ ଜଣ ଡାକ୍ତର ଅଛନ୍ତି। ଫାର୍ମାସିଷ୍ଟ ମଞ୍ଜୁରିପ୍ରାପ୍ତ ପଦବି ୮୬ ଥିବା ବେଳେ ୬୧ ଜଣ ଅଛନ୍ତି। ମାନସିକ ରୋଗ ଡାକ୍ତର ପଦବି ୪ ଥିବା ବେଳେ ଅଛନ୍ତି ଚୌଦ୍ୱାର ସର୍କଲ ଜେଲରେ ଜଣେ। ପୁରୁଷ ନର୍ସ ୭ଟି ପଦବି ଥିବାବେଳେ ୩ ଜଣ ଅଛନ୍ତି। ଓଡ଼ିଶାରେ କୌଣସି ଜେଲରେ ପାଥୋଲାବ୍ ନାହିଁ କି ଲାବୋରେଟୋରି ଟେକନିସିଆନ୍ ବି ନାହାନ୍ତି। ଅସୁସ୍ଥ କଏଦୀଙ୍କ ମଳ, ମୂତ୍ର, ରକ୍ତ, ଏକ୍ସରେ ଇତ୍ୟାଦି ପରୀକ୍ଷା ପାଇଁ କଏଦୀଙ୍କୁ ସୁରକ୍ଷା ବଳୟ ଭିତରେ ଘରୋଇ ପାଥୋଲାବ୍ କିମ୍ବା ସରକାରୀ ଡାକ୍ତରଖାନାକୁ ନିଆଯାଉଛି। ଜେଲ୍ ବିଭାଗ କଏଦୀଙ୍କୁ ସ୍ଥାନାନ୍ତର କରିବାରେ ଅଯଥା ପରିବହନ ବାବଦରେ ଖର୍ଚ୍ଚାନ୍ତ ହେଉଥିବା ବେଳେ ପୁଲିସ ବଳ ଅଯଥାରେ ଅପଚୟ ହେଉଛି। ରାଜ୍ୟରେ ଜଣେ ମାତ୍ର ମାନସିକ ରୋଗ ବିଭାଗ ଡାକ୍ତର ଚୌଦ୍ୱାର ସର୍କଲ ଜେଲରେ ଅଛନ୍ତି। ଅନ୍ୟ କୌଣସି ଜେଲ୍ରେ ନାହାନ୍ତି। ଏହି ଡାକ୍ତର ଏବେ ଯୁଗ୍ମ ନିର୍ଦ୍ଦେଶକ ପାହ୍ୟାକୁ ପଦୋନ୍ନତି ପାଇଲେଣି। ଏକୁଟିଆ ଦୀର୍ଘବର୍ଷ ହେବ ରାଜ୍ୟର ସମସ୍ତ ଜେଲ୍ର ମାନସିକ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝୁଛନ୍ତି। ଚୌଦ୍ୱାରର ଚଳିତ ସପ୍ତାହର ତଥ୍ୟ ଅନୁଯାୟୀ, ଏହି ଡାକ୍ତରଙ୍କ ପାଖରେ ୭୭ ଜଣ ମାନସିକ ରୋଗୀ ଚିକିତ୍ସିତ ହେଉଛନ୍ତି।

## ଜୁନ୍ରେ ଓଡ଼ିଶାରେ ୪୦% ବର୍ଷା ନିଅଣ୍ଟ : ସ୍କାଏମେଟ୍



**ଭୁବନେଶ୍ୱର :** ଚଳିତ ଜୁନ ମାସରେ ଏପର୍ଯ୍ୟନ୍ତ ସମଗ୍ର ଦେଶରେ ସ୍ୱାଭାବିକ ବର୍ଷା ହୋଇଛି। ଜୁନ ୧ରୁ ୨୨ ମଧ୍ୟରେ ସାରା ଦେଶରେ ୧୦୫.୮ ମିଲିମିଟର ବର୍ଷା ହୋଇଛି, ଯାହାକି ସ୍ୱାଭାବିକ (୧୦୬ ମିଲିମିଟର)ସହ ପ୍ରାୟ ସମାନ। କିନ୍ତୁ ସାମଗ୍ରିକ ଭାବେ ଦେଶରେ ସ୍ୱାଭାବିକ ବର୍ଷା ହୋଇଥିବା ସତ୍ତ୍ୱେ ସମଗ୍ର ଦେଶରେ ଏହି ବୃଷ୍ଟିପାତର ଆବଣ୍ଟନ ଅସମାନ ରହିଛି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ରେକର୍ଡ ପରିମାଣର ବର୍ଷା ଯୋଗୁଁ ସାମଗ୍ରିକ ଭାବେ ମୋଟ ବୃଷ୍ଟିପାତ ପରିମାଣ ବୃଦ୍ଧି ପାଇଛି। କିନ୍ତୁ ଦେଶରେ ଏକ ବଡ଼ ଭାଗ ବିଶେଷ କରି ମଧ୍ୟ ଓ ପୂର୍ବ ଭାରତରେ ନିଅଣ୍ଟିଆ ବର୍ଷା ହୋଇଛି। ସ୍କାଏମେଟର ଏକ ରିପୋର୍ଟ ଅନୁସାରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ବର୍ଷା ନିଅଣ୍ଟ ପରିମାଣ ଚିନ୍ତାଜନକ ଭାବେ ୩୫-୪୦ ପ୍ରତିଶତ ରହିଛି। ସେହିପରି ମହାରାଷ୍ଟ୍ରରେ ବର୍ଷା ନିଅଣ୍ଟ ପରିମାଣ ୬୧ ପ୍ରତିଶତ ଥିବାବେଳେ ଗୁଜୁରାଟରେ ୫୦ ପ୍ରତିଶତ ରହିଛି। ଉତ୍ତରପ୍ରଦେଶରେ ବର୍ଷା ନିଅଣ୍ଟ ପରିମାଣ ୭୩ ପ୍ରତିଶତ ରହିଛି। ଦକ୍ଷିଣ ଭାରତରେ ନିଅଣ୍ଟିଆ ସ୍ଥିତି ସେତେଟା ଚିନ୍ତାଜନକ ନଥିଲେ ବି କେରଳରେ ନିଅଣ୍ଟ ପରିମାଣ ୫୮ ପ୍ରତିଶତ ରହିଛି। ତେବେ ଜୁନ ୧୫ ପରେ ବର୍ଷା ପରିମାଣ ବଢ଼ିଥିବାରୁ ଏସବୁ ରାଜ୍ୟରେ ସ୍ଥିତିରେ ଉନ୍ନତି ଆସିବାରେ ଲାଗିଛି। ଜୁନ ଶେଷ ସୁଦ୍ଧା ନିଅଣ୍ଟିଆ ସ୍ଥିତି ଆହୁରି ହ୍ରାସ ପାଇବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଉତ୍ତରପୂର୍ବ ରାଜ୍ୟ ଆସାମ, ଅରୁଣାଚଳ ପ୍ରଦେଶ, ମେଘାଳୟ ଆଦିରେ ରେକର୍ଡ ପରିମାଣରେ ବୃଷ୍ଟିପାତ ହୋଇଛି। ଏଣୁ ସେଠାରେ ବନ୍ୟା ଦେଖାଦେଇଛି।


## ଓଡ଼ିଶା ହାଇକୋର୍ଟରେ ପଡ଼ିଛି ୧,୭୩, ୫୧୦ ମାମଲା



**କଟକ :** ୨୦୨୧ ସୁଦ୍ଧା ଓଡ଼ିଶା ହାଇକୋର୍ଟରେ ପଡ଼ି ରହିଛି ୧ ଲକ୍ଷ ୭୩ ହଜାର ୫୧୦ ମାମଲା। ଏହା ପରେ ଦାଏର ହୋଇଛି ୧ ଲକ୍ଷ ୨୮ ହଜାର ୯୪୩ଟି ନୂଆ କେସ୍। ତେବେ ତା' ଭିତରୁ ୧ ଲକ୍ଷ ୫ ହଜାର ୩୩୪ ମାମଲାର ଫଇସଲା ହୋଇଛି। ୨୦୨୧ ମସିହା ଶେଷ ସୁଦ୍ଧା ୧ ଲକ୍ଷ ୯୭ ହଜାର ୧୧୯ ମାମଲା ଏବେବି ପଡିରହିଛି। ରାଜ୍ୟ ନ୍ୟାୟପାଳିକାର ପ୍ରଦର୍ଶନ ନେଇ ଦେଶରେ ପ୍ରଥମ ଥର ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବାର୍ଷିକ ରିପୋର୍ଟ ପ୍ରକାଶ କରାଯାଇଛି।ବିଚାର ନହୋଇ ଦୀର୍ଘ ଦିନ ଧରି ମାମଲା ପଡ଼ିରହିବା ଓ ଜିଲ୍ଲା ଜଜ୍ଙ୍କୁ ଠିକରେ ମାମଲା ବଣ୍ଟନ ନହେବା ଏବଂ କୋର୍ଟଙ୍କ ରହିତାଦେଶ ନିର୍ଦ୍ଦେଶ ଠିକରେ କାର୍ଯ୍ୟକାରୀ କରାନଯିବା ଭଳି ଚିନ୍ତାଜନକ ତଥ୍ୟ ରିପୋର୍ଟରେ ସାମ୍ନାକୁ ଆସିଛି। ୨୦୨୧ ମସିହାର ଏହି ରିପୋର୍ଟରେ କୁହାଯାଇଛି ଯେ, କୋର୍ଟରେ ମାମଲା ବଢିବା ଦ୍ୱାରା ନ୍ୟାୟପାଳିକା ଉପରେ ଲୋକଙ୍କ ଆସ୍ଥା ବଢୁଥିବା ସୂଚାଉଛି। ମାତ୍ର ବହୁ କେସ୍ରେ ବିଚାର ହୋଇନପାରିବା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଥି ସହିତ ଓଡ଼ିଶା ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟାନାଲ ଉଚ୍ଛେଦ ହେବା ପରେ ଏଠିକାର ପ୍ରାୟ ୪୦ ହଜାର ମାମଲା ହାଇକୋର୍ଟକୁ ସ୍ଥାନାନ୍ତର ହୋଇଛି। ଯାହା କି ହାଇକୋର୍ଟଙ୍କ ଭାର ବଢାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାମଲା ଶୁଣାଣିରେ ପୂର୍ଣ୍ଣଚ୍ଛେଦ

## ମୂଳ ଜନସ୍ୱାର୍ଥ ମାମଲା ଓ ପକ୍ଷଭୁକ୍ତ ଆବେଦନ ହାଇକୋର୍ଟରେ ଖାରଜ



**କଟକ :** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନାଁରେ ପୁରୀ ଶ୍ରୀମନ୍ଦିର ଚାରିପାଖେ ଚାଲିଥିବା ଖନନ ଓ ନିର୍ମାଣକୁ ବେଆଇନ ଦର୍ଶାଇ ଦାୟର ମୂଳ ଜନସ୍ୱାର୍ଥ ମାମଲା ଓ ପକ୍ଷଭୁକ୍ତ ଆବେଦନ (ଇଣ୍ଟରଭେନସନ୍ ପିଟିସନ୍)କୁ ହାଇକୋର୍ଟ ଖାରଜ କରିଛନ୍ତି। ଏହି ମାମଲାରେ ଜୁନ୍ ୩ରେ ସୁପ୍ରିମକୋର୍ଟ ରାୟ ପ୍ରକାଶ କରିବା ସହିତ ହାଇକୋର୍ଟଙ୍କ ମେ ୯ର ନିର୍ଦ୍ଦେଶ ବିରୋଧରେ ଦାୟର ଏସ୍ଏଲ୍ପିକୁ ଖାରଜ କରିଥିଲେ। ହାଇକୋର୍ଟରେ ଦାୟର ଜନସ୍ୱାର୍ଥ ମାମଲା ଜନତାଙ୍କ ବୃହତ୍ତର ସ୍ୱାର୍ଥର ବିରୋଧୀ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏଥିସହିତ ସୁପ୍ରିମକୋର୍ଟରେ ଏସ୍ଏଲ୍ପି ଦାୟର କରିଥିବା ଦୁଇ ଆବେଦନକାରୀଙ୍କ ଉପରେ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା କରିଥିଲେ। ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ଶୁଣାଣି କରି ରାୟ ପ୍ରକାଶ କରି ସାରିଥିବାରୁ ହାଇକୋର୍ଟରେ ଆଉ ଏ ସଂପର୍କିତ ମାମଲାର ଶୁଣାଣିର ଆବଶ୍ୟକତା ନାହିଁ ବୋଲି ଆଜି ମୁଖ୍ୟ ବିଚାରପତି ଡକ୍ଟର୍ ଜଷ୍ଟିସ୍ ଏସ୍. ମୁରଲୀଧର ଓ ଜଷ୍ଟିସ୍ ଆର.କେ. ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗକୁ ନେଇ ପ୍ରଥମେ ଦାୟର କରାଯାଇଥିବା ଦିଲ୍ଲୀପ କୁମାର ବରାଳଙ୍କ ଜନସ୍ୱାର୍ଥ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ଏହି ମାମଲାରେ ପକ୍ଷଭୁକ୍ତ ହେବାପାଇଁ ଅର୍ଦ୍ଧେନ୍ଦୁ ଶେଖର ଦାସ ଓ ସୁମନ୍ତ କୁମାର ଘଡେଇଙ୍କ ଇଣ୍ଟରଭେନ୍ସନ୍ ପିଟିସନ୍କୁ ମଧ୍ୟ ହାଇକୋର୍ଟ ଖାରଜ କରିଛନ୍ତି। ଏଥିସହିତ, ନ୍ୟାସନାଲ୍ ମନୁମେଣ୍ଟ ଅଥରିଟିର ଏନ୍ଓସି ସଂପର୍କିତ ଚିଠିକୁ ବିରୋଧ କରି ସୁବ୍ରତ ତ୍ରିପାଠୀଙ୍କ ତରଫରୁ ଦାୟର ମାମଲାର ଶୁଣାଣିରେ ମଧ୍ୟ ଖଣ୍ଡପୀଠ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ନିର୍ମାଣ କାର୍ଯ୍ୟ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) କୌଣସି ଅନୁମତି ଦେଇ ନାହିଁ ବୋଲି ଦର୍ଶାଇ ଅବସରପ୍ରାପ୍ତ ଆଇଏଏସ୍ ସୁଦର୍ଶନ ନାୟକ ଓ ସାହିତ୍ୟିକ ଭୁବନାନନ୍ଦ ମହାନ୍ତିଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣିରେ ମଧ୍ୟ ହାଇକୋର୍ଟ ଅନ୍ତ ଘଟାଇଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ପରେ ଏହି ପ୍ରସଙ୍ଗରେ ଶୁଣାଣି କରିବାକୁ ହାଇକୋର୍ଟ ମନା କରିବା ସହିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସଂପର୍କିତ ସମସ୍ତ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି।

## ୩ ଇଣ୍ଡିଆ ରିଜର୍ଭ ବାଟାଲିଅନ ପାଇଁ ୬୬୩ଟି ପଦବୀକୁ ମଞ୍ଜୁରୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୩ଟି ଇଣ୍ଡିଆ ରିଜର୍ଭ ବାଟାଲିଅନ ପାଇଁ ୬୬୩ଟି ପଦବୀକୁ ମଞ୍ଜୁର କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ରିଜର୍ଭ ବାଟାଲିଅନ ପାଇଁ ୨୨୧ଟି ପଦବୀ ସୃଷ୍ଟି କରାଯାଇଛି। ଏହି ନୂତନ ପଦବୀ ଗୁଡ଼ିକ ହେଲା ଡେପୁଟି କମାଣ୍ଡାଣ୍ଟ-୧, ହାବିଲଦାର ମେଜର-୧୮, ହାବିଲଦାର-୨୩, କନେଷ୍ଟବଳ-୧୫୪, ଇନିସ୍ପେକ୍ଟର (ଡବ୍ଲୁଟି)-୧, ସବ୍ଇନିସ୍ପେକ୍ଟର (ଡବ୍ଲୁଟି)-୨, ହାବିଲଦାର (ଡବ୍ଲୁଟି)-୪, କନେଷ୍ଟବଳ (ଡବ୍ଲୁଟି)-୧୩, ହେଡକ୍ଲର୍କ-୧, ମେଡିକାଲ ଅଫିସର-୧, ଫାର୍ମାସିଷ୍ଟ-୨ ଓ ଷ୍ଟାଫ ନର୍ସ-୧। ଏହିପରି ପ୍ରତ୍ୟେକ ବାଟାଲିଅନରେ ୨୨୧ ଜଣ କର୍ମଚାରୀ ଓ ଅଧିକାରୀ ନିୟୋଜିତ ହେବେ। ଏହାସହିତ ପ୍ରତ୍ୟେକ ବାଟାଲିଅନରେ ବିଭିନ୍ନ ସହାୟକ କାର୍ଯ୍ୟ ପାଇଁ ୪୪ଟି ପଦବୀ ସୃଷ୍ଟି କରାଯାଇଛି, ଯାହାକି ଆଉଟ ସୋର୍ସିଂ ଜରିଆରେ ପୂରଣ କରାଯିବ। ୩ଟି ବାଟାଲିଅନ ପାଇଁ ୧୩୨ଟି ଆଉଟ ସୋର୍ସିଂ ପଦବୀ ସୃଷ୍ଟି କରାଯାଇଛି।

# ୧୭ଟି ଫସଲର ହୋଇପାରିବ ବୀମା

## ଜୁଲାଇ ୩୧ ପର୍ଯ୍ୟନ୍ତ ଖରିଫ ବୀମା ପଞ୍ଜୀକରଣ

**ଭୁବନେଶ୍ୱର :** ଖରିଫ ଋତୁରେ ୮ଟି ଫସଲ ଓ ରବି ଋତୁରେ ୯ଟି ଫସଲକୁ ଚାଷୀମାନେ ବୀମା ଭୁକ୍ତ କରିପାରିବେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ଏହି ବୀମା ସୁବିଧା ଅଧିକ ସଂଖ୍ୟକ ଚାଷୀ ଯେଭଳି ନେବା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପରାମର୍ଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ଜୁଲାଇ ୩୧ତାରିଖ ପର୍ଯ୍ୟନ୍ତ ଫସଲ ବୀମା ପଞ୍ଜିକରଣର ଶେଷଦିନ ଥିବାରୁ ଚାଷୀମାନଙ୍କୁ ଏହାର ଫାଇଦା ନେବାକୁ କୁହାଯାଇଛି। ମୁଖ୍ୟ ସଚିବ ଶ୍ରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଫସଲ ବୀମା ସମନ୍ୱୟ କମିଟି ବୈଠକରେ ବୀମା ସର୍ତ୍ତ ଅନୁସାରେ କ୍ଷତିପୂରଣ ପାଇଁ ଯୋଗ୍ୟ ବିବେଚିତ ହେଉଥିବା ସମସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ବୀମା କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀମାନଙ୍କ ପ୍ରାପ୍ୟ ପ୍ରଦାନରେ ବିଳମ୍ବ ଗ୍ରହଣୀୟ ନୁହେଁ। ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବୀମା ରାଶି ପଠାଇବାରେ କୌଣସି ଅବହେଳା ହେଲେ ସରକାର ଏହାକୁ ଗୁରୁତ୍ୱର ସହ ବିଚାର କରିବେ ବୋଲି ସତର୍କ କରାଇ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଓଡ଼ିଶାର ଫସଲ ବୀମା ପାଇଁ ନିୟୋଜିତ ଥିବା ୩ଟି ବୀମା କମ୍ପାନୀ ଏଚଡିଏଫସି ଆରଗୋ, ରିଲାଏନ୍ସ ଜିଆଇସି, ଏଗ୍ରିକଲଚର ଇନ୍ସ୍ୟୁରାନ୍ସ କମ୍ପାନୀର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଚଳିତ ଖରିଫ ଋତୁରେ ଧାନ, ଚିନାବାଦାମ, ମକା, ହରଡ଼. ମାଣ୍ଡିଆ, ତୁଳା, ଅଦା ଓ ହଳଦୀ ଭଳି ୮ଟି ଫସଲ ଏବଂ ରବି ଋତୁରେ ଧାନ, ବିରି, ମୁଗ, ସୋରିଷ, ଚିନାବାଦାମ, ଆଳୁ, ପିଆଜ, ସୂର୍ଯ୍ୟମୁଖୀ ଓ ଆଖୁ ଭଳି ୯ଟି ଫସଲକୁ ବୀମାଭୁକ୍ତ କରାଯାଇପାରିବ। ବୀମା କ୍ଷତିପୂରଣବେଳେ ବୀମା କମ୍ପାନୀଗୁଡ଼ିକ ଧାନ ଫସଲ ନିମନ୍ତେ ପଂଚାୟତକୁ ୟୁନିଟ୍ ଭାବେ ଓ ଅଣଧାନ ଫସଲ ପାଇଁ ବ୍ଲକକୁ ୟୁନିଟ୍ ଭାବେ ବିଚାର କରିଥାନ୍ତି। ଚଳିତ ଖରିଫ ଋତୁରେ ଜୁଲାଇ ୩୧ତାରିଖ ସୁଦ୍ଧା ବୀମାଭୁକ୍ତ ବା ପଞ୍ଜିକରଣ କରାଇନେବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅବଶ୍ୟ ଚାଷ ପାଇଁ ଋଣ ନେଉଥିବା ଚାଷୀମାନଙ୍କର ବୀମା ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ହେଉଛି। ତେବେ ଯେଉଁ ଚାଷୀ ଋଣ ନେଉନାହାନ୍ତି ସେମାନେ ଚାହିଁଲେ ନିକଟସ୍ଥ ଜନସେବା କେନ୍ଦ୍ର ମାଧ୍ୟମରେ ମଧ୍ୟ ନିଜ ଫସଲର ବୀମା କରାଇ ପାରିବେ। ସୂଚନାଯୋଗ୍ୟ, ୨୦୨୧ ଖରିଫ ଋତୁରେ ୧୨.୩୦ଲକ୍ଷ ଚାଷୀଙ୍କର ୧୦.୫୦ଲକ୍ଷ ହେକ୍ଟର ଚାଷଜମି ବୀମାଭୁକ୍ତ ହୋଇଥିଲା। ସେହିପରି ରବି ଋତୁରେ ୩୪ହଜାର ଚାଷୀ ବୀମାଭୁକ୍ତ ହୋଇଥିଲେ। ଏହି ବୈଠକରେ ଉନ୍ନୟନ କମିଶନର, ଅର୍ଥ ସଚିବ, କୃଷି ସଚିବ, କୃଷି ନିର୍ଦ୍ଦେଶକଙ୍କ ସମେତ ବହୁ ବରିଷ୍ଠ ପଦାଧିକାରୀ ଓ ବୀମା କମ୍ପାନୀର ପଦାଧିକାରୀ ଉପସ୍ଥିତ ଥିଲେ।

ବିପର୍ଯ୍ୟୟ ମୁକାବିଲା ପାଇଁ ଆକ୍ସନ୍ ପ୍ଲାନ୍

## ୨୪ ଘଣ୍ଟାରେ ରାସ୍ତା ସଫା

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ପରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଆକ୍ସନ୍ ପ୍ଲାନ୍ ଦେଲା ପୂର୍ତ୍ତ ବିଭାଗ। ବିପର୍ଯ୍ୟୟର ୨୪ ଘଣ୍ଟା ଭିତରେ ରାସ୍ତା ସଫା କରି ଉଦ୍ଧାର ଓ ରିଲିଫ୍ କାମକୁ ତ୍ୱରାନ୍ୱିତ କରିବା ଉପରେ ଦିଆଯାଇଛି ଗୁରୁତ୍ୱ। ପୁନଃ ଥଇଥାନ ପାଇଁ ଜିଲ୍ଲା ପ୍ରଶାସନ, ଓଡ୍ରାଫ, ଏନଡିଆରଏଫ୍ ଓ ଅନ୍ୟ ବୈଷୟିକ ବିଭାଗ ସହ ସମନ୍ୱୟ ରଖି କାମ କରାଯିବ। କ୍ଷୟକ୍ଷତିର ଫଟୋକୁ ଜିଓ ଟ୍ୟାଗିଂ କରି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପାଖରେ ରିପୋର୍ଟ ଦାଖଲ କରାଯିବ। ଆବଶ୍ୟକ ସ୍ଥଳେ ପୂର୍ତ୍ତ ବିଭାଗର ତାଲିକାଭୁକ୍ତ ଠିକାଦାରଙ୍କ ସହଯୋଗ ନିଆଯିବ। ବର୍ଷା ପରେ ବନ୍ୟା। ଅକ୍ଟୋବର ଆସିଲେ ବାତ୍ୟା ଭୟ। ଭୂକମ୍ପ ବି ଦେଇପାରେ ଝଟକା। ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ କ୍ୱିକ୍ ରେସପନସ୍ ଟିମ ବା କ୍ୟୁଆରଟି ଗଠନ କରିବ ପୂର୍ତ୍ତ ବିଭାଗ। ପ୍ରଥମେ ଅପରେଟିଂ ଗ୍ରୁପ୍ ଟ୍ରି କଟର, ଜେସିବି ଓ ସ୍ଥାନୀୟ ଶ୍ରମିକଙ୍କ ଜରିଆରେ ଯାତାୟତ ଅବରୋଧ କରୁଥିବା ଗଛର ଶାଖା କାଟିବେ। ୨୪ଘଣ୍ଟା ଭିତରେ ୩ ମିଟର ଓସାର ରାସ୍ତା ସଫା କରି ରିଲିଫ କାମ ଆରମ୍ଭ ହେବ। ପୁରୁଣା ଭଙ୍ଗା ବ୍ରିଜ୍ ନିକଟରେ ହ୍ୟୁମ୍ ପାଇପ୍ ବିଛାଯିବ। ଏଥିରେ ବାଲି ବ୍ୟାଗ୍ ବା ମୋରମ ଆଚ୍ଛାଦିତ କରି ଟ୍ରାଫିକ୍ ପୁନରୁଦ୍ଧାର ହେବ। ସେହିପରି ପାହାଡ଼ ପାଖରେ ସଠିକ୍ ସ୍ଲୋପ ପାଇଁ ଅସ୍ଥାୟୀ କାନ୍ଥ ନିର୍ମାଣ କରି ଭୂସ୍ଖଳନର ମୁକାବିଲା କରାଯିବ। ଜଳ ନିଷ୍କାସନକାରୀ ପମ୍ପ, ଜେନେରେଟର, ସିଡ଼ି, ଦଉଡ଼ି, ବନ୍ୟା ଲାଇଟ୍, ହାତୁଡ଼ି ସହ ମାନବ ସମ୍ବଳ ଜରୁରିକାଳୀନ ସମୟରେ ବ୍ୟବହାର କରାଯାଇ ପାରିବ। ଜଳମଗ୍ନ ରାସ୍ତାରେ ବନ୍ଦ ରହିବ ଯାତାୟତ। ସମ୍ବେଦନଶୀଳ ସ୍ଥାନ ସଂପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯିବ। ଜରୁରିକାଳୀନ ପରିସ୍ଥିତିରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯିବ। ଯାନବାହାନର ଯାତାୟତ ପାଇଁ ପାହାଡ଼ ପାର୍ଶ୍ୱରେ ବ୍ୟାରିକେଡ୍ ସୃଷ୍ଟି କରାଯିବ। ଓଡ୍ରାଫ ଓ ଏନଡିଆରଏଫର ଉଦ୍ଧାର କାର୍ଯ୍ୟ ନେଇ ସଚେତନ କରାଯିବ। ପୂର୍ତ୍ତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାର ମନିଟରିଂ କରାଯିବ। ପ୍ରାକ୍ ଓ ପରବର୍ତ୍ତୀ ସ୍ଥିତିର ଦୈନିକ ସୂଚନା ପାଇଁ ଜରୁରିକାଳୀନ ସେଲ ଓ ହ୍ୱାଟ୍ସଆପ୍ ଗ୍ରୁପ ଖୋଲାଯିବ।


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର






**ଜଗତସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ସମୁଦାୟ ୭୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ଗୋଟିଏ ଅଭିଯୋଗର ତୁରନ୍ତ ଫଏସଲା ହୋଇଥିଲା। ଏହି ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଉପସ୍ଥିତ ଥାଇ ଜନସାଧାରଣଙ୍କ ଅଭିଯୋଗ ଶୁଣି ବିହିତ ବ୍ୟବସ୍ଥା କରୁଥିବା ବେଳେ ବହୁ ସରକାରି କର୍ମଚାରୀମାନେ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ଗ୍ରାମର ହଂସୁଆ ନଦୀ ନିକଟସ୍ଥ ଦୁଦୁଖାଇ ମୁହଁ ବିଲପାଖରେ ଦୀର୍ଘ ୨୦ବର୍ଷ ଧରି ଏକ ଘାଇ ହୋଇଯାଇଥିବା ବେଳେ ଏହି ଘାଇଟିର ମରାମତି ଜଳନିଷ୍କାସନ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କରିନଥିବାକୁ ନେଇ ଗ୍ରାମର କିଛି ଚାଷୀ ଏସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଉଠାଇଥିଲେ। ଅଭିଯୋଗ ପାଇ ଜଳନିଷ୍କାସନ ନିର୍ବାହୀ ଯନ୍ତ୍ରୀଙ୍କୁ ଡାକିଲା ବେଳେ ନିର୍ବାହୀ ଯନ୍ତ୍ରୀ ଅନୁପସ୍ଥିତ ଥିବାରୁ ଏସଡିଓ ଯାଇ ପହଂଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଚାଷୀଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଥିଲା ଯେ ଏସମ୍ପର୍କରେ ଆମେ ବହୁ ବାର ଦାବି କରୁଥିଲେ ବି ଭାଙ୍ଗି ଯାଇଥିବା ରାସ୍ତାଟିର କାହିଁକି ମରାମତି କରାଯାଉ ନାହିଁ ବୋଲି ପ୍ରଶ୍ନ ପଚାରିଥିଲେ। ଏହି ମାଣମାଣ ବିଲ ମଧ୍ୟରୁ ପାଣି ନିଷ୍କାସନର ବ୍ୟବସ୍ଥା ନଥିବାରୁ ଦୀର୍ଘ ବର୍ଷ ଧରି ଦୁଦୁଖାଇ ମୁହଁ ବିଲ ନିକଟରେ ଅତ୍ୟଧିକ ବର୍ଷା ପାଣି ଯୋଗୁଁ ଆଡିବନ୍ଧଟି ଭାଙ୍ଗିଯାଇ ଏକ ପ୍ରକାର ପୋଖରୀ ହୋଇଗଲା ପରି ଲାଗୁଛି ବୋଲି ରବିନ୍ଦ୍ର କୁମାର ସ୍ୱାଇଁ, କୈଳାଶ ଚନ୍ଦ୍ର ସ୍ୱାଇଁ, ଗଜେନ୍ଦ୍ର ମଲ୍ଲିକ, ଅଭୟ କୁମାର ସାମନ୍ତରାୟ, ଶଙ୍କର ପଟ୍ଟନାୟକ, ନିବାସ ଚନ୍ଦ୍ର ଲେଙ୍କା, ସମୀର ପଟ୍ଟନାୟକ ପ୍ରମୁଖ ଅଭିଯୋଗ କରିଥିଲେ। ସେହିପରି ଗୁଆଳିପୁର ମହେଶ୍ୱର ଉଚ୍ଚ ବିଦ୍ୟାଳୟର ଖେଳପଡିଆ ମରାମତି ପାଇଁ ମନରେଗା କାମ ଜବକାର୍ଡଧାରୀଙ୍କ ଦ୍ୱାରା କରାନଯାଇ ଜେସିବ ମେସିନ ଦ୍ୱାରା କରାଯାଉଥିବାକୁ ବିଶ୍ୱରଞ୍ଜନ ପଟ୍ଟନାୟକ ପ୍ରମୁଖ ଏକ ଅଭିଯୋଗ ଆଣିଥିଲେ। ଏହି ଖେଳପଡିଆ ମରାମତିକୁ ନେଇ ମହେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରେ ସେ କହିଥିଲେ ଯେ ଖେଳପଡିଆ କିପରି ପୋତାଯାଉଛି ଓ କେତେ ଟଙ୍କା କେଉଁ ବିଭାଗରୁ ଖର୍ଚ୍ଚ କରାଯାଉଛି ତାହା ମୁଁ ଜାଣିନାହିଁ ବୋଲି ପ୍ରକାଶ କରିଥିଲେ। ଏହି ଜନଶୁଣାଣି ଶିବିରରେ ୬୮ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଥିବା ବେଳେ ୪ଟି ଗ୍ରାମ ଗୋଷ୍ଠୀଗତ ସମସ୍ୟା ଥିଲା। ଏପରିକି ଆବାସ ଯୋଜନା ନିମନ୍ତେ ୧୪ଟି, ଜମିଜମା ସମସ୍ୟା ୧୫ଟି, ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୧ଟି ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩ଟି ଅଭିଯୋଗ ଶୁଣାଣି କରାଯାଇଥିଲା। ଏହି ମିଳିତ ଜନଶୁଣାଣି ଅଭିଯୋଗ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ କୁମାର ପଣ୍ଡା, ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଅଭିମନ୍ୟୁ ପଣ୍ଡା ଓ ସ୍ଥାନୀୟ ତହସିଲଦାର ଏବଂ ବିଡିଓ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ଏହି ଶିବିରରେ ଜିଲ୍ଲାର ଉପରିସ୍ଥ ଅଧିକାରିମାନଙ୍କ ଅନୁପସ୍ଥିତକୁ ନେଇ ସାଧାରଣରେ ବି ଆଲୋଚନା ହେଉଥିଲା।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୭ ଜୁନ୍ - ୦୩ ଜୁଲାଇ, ୨୦୨୨


# ଯେବେ ଭାଗ୍ୟ ଉଦୟ ହୁଏ




ସମ୍ପାଦକୀୟ
ତାରକ ମହାନ୍ତି


ପ୍ରଚଳିତ ଧାରା ସହିତ ସମୟର ଆହ୍ୱାନକୁ ମିଶାଇ ବିଚାର କଲେ, ଜଣାପଡେ ଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ଉପରକୁ ଉଠିବାରେ ଅର୍ଥ କେବେ ବାଧକ ହୁଏନି। କାରଣ ଜଣେ ଯୋଗ୍ୟ ବ୍ୟକ୍ତି ନିଜକୁ ଗଢି ତୋଳିବା ସହିତ ଅନ୍ୟର ଭାଗ୍ୟ ମଧ୍ୟ ବଦଳାଇ ଦିଅନ୍ତି। ଆଜିକାଲି ପ୍ରତ୍ୟେକ କ୍ଷେତ୍ରରେ ଅର୍ଥ ଅଭାବକୁ ଦାୟୀ କରି ପରିବାର ଭିତରେ ଝଡ଼ ସୃଷ୍ଟିହେବା କିଛି ନୂଆ ନୁହେଁ। ଏହି ପ୍ରସଙ୍ଗରେ ଥିଲାବାଲା ଘରେ ଭିନ୍ନ ବାଗରେ ଘଟଣା ଘଟୁଥିଲାବେଳେ ନଥିଲାବାଲାଙ୍କ ଘରେ ଅତ୍ୟନ୍ତ ଲଜ୍ଜାଜନକ ହୋଇଥାଏ। ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତ କିନ୍ତୁ ଲାଜ ଢାଙ୍କିବାକୁ ଉଦ୍ୟମ କରି ଶେଷରେ ପରାସ୍ତ ହୁଅନ୍ତି। ଘଟଣା ସେତେବେଳକୁ କାନରୁ କାନ ବ୍ୟାପି ସାରିଥାଏ। ଆଜିକାଲିର ଅଧିକାଂଶ ପିଲା ନିଜର ଅପରାଗତାବଢାଙ୍କିବାକୁ ଯାଇ ମାତା ପିତାଙ୍କ ଉପରେ ଦୋଷ ଲଦୁଛନ୍ତି। କିଏ କହୁଛି ଅଧିକ ବଡ଼ ସ୍କୁଲ କଲେଜରେ ପାଠ ପଢିଥିଲେ ବଡ଼ ବଡ଼ ଚାକିରୀ ହାସଲ କରିଥାନ୍ତା। ଏଥିରେ ପ୍ରସଙ୍ଗର ଗୁରୁତ୍ୱକୁ ଯାଇ ତର୍ଜମା କଲେ ବୁଝହେବ ଯେ, ଠିକ ସମୟରେ ଭଲ ପାଠ ପଢିବା ବଦଳରେ କେବଳ ମଉଜ ମସ୍ତି କରି ସମୟ ସାରିଲେ ଚାକିରୀ ପ୍ରସ୍ତୁତି ସମ୍ଭବ ହେବ କିପରି ! ନିଜ ଭିତରେ ପ୍ରତିଦ୍ୱନ୍ଦିତା ମନୋବୃତ୍ତି ବଦଳରେ ବାପମା’ଙ୍କୁ ଅକଳରେ ପକାଇ ଘରୁ ଟଙ୍କା ନେଇ ଫୁଟାଣି ଦେଖାଇ ବୁଲିବା କେତେ ଯଥାର୍ଥ ? ସାମାଜିକ ଭୟ ନଥିଲେ କେହି ଭଲ ରାସ୍ତାରେ ଚାଲିପାରନ୍ତି ନାହିଁ। ତେଣୁ ଯେଉଁମାନଙ୍କର ସମାଜ ଓ ପରିବାର ପ୍ରତି କର୍ତ୍ତବ୍ୟ କଣ ଧାରଣା ନାହିଁ ସେମାନଙ୍କୁ କଣ କୁହାଯିବ ? ଯିଏ ପ୍ରତି କଥାରେ ଅର୍ଥ ଅଭାବକୁ ଦାୟୀ କରି ଘରେ ତାଣ୍ଡବ ରଚନା କରନ୍ତି ତାଙ୍କୁ କେବଳ ଅଯୋଗ୍ୟ ହିଁ କହିହେବ। କାରଣ ଯିଏ ଯେତିକି ପାଠ ପଢ଼ିଛନ୍ତି ସେହି ଅନୁସାରେ ରୋଜଗାର କରିବା ବଦଳରେ ଖାଲି ଅନ୍ୟକୁ ଦୋଷ ଦିଅନ୍ତି, ସେମାନେ କେବେ ଏହି କଥା ବିଚାର କରିପାରନ୍ତିନାହିଁ। ଯେଉଁମାନେ ସଠିକ ସମୟରେ ଜୀବନ ଗଢିବାର ଜିଜ୍ଞାସା ରଖନ୍ତି, ସେହି ଅନୁସାରେ ଶିକ୍ଷା ପ୍ରତି ଅଧିକ ଧ୍ୟାନ ଦିଅନ୍ତି ତାଙ୍କର ଭବିଷ୍ୟତ ନିଶ୍ଚୟ ଗଢିହୁଏ। କର୍ମ ଠିକ ରହିଲେ ଭାଗ୍ୟ ମଧ୍ୟ ସହଯୋଗ କରେ। କେବଳ ଭାଗ୍ୟ ଭରସାରେ ରହି କେହି କେବେ ଭବିଷ୍ୟତ ଗଢି ତୋଳି ପାରିନଥାନ୍ତି। ଈଶ୍ୱର ସମସ୍ତଙ୍କୁ ଉତ୍ତମ ମାର୍ଗରେ ଚାଲିବା, ସତ କର୍ମ କରିବାକୁ ଜ୍ଞାନ ଦେଇଥାନ୍ତି। ଏଥିରୁ କିଏ କେଉଁ ପ୍ରକାର ଶିକ୍ଷା ଗ୍ରହଣ କରନ୍ତି ତାହା ଦେଖିବାକୁ ବାକି ଥାଏ। ସମୟ ଅନୁସାରେ ନିଜକୁ ପ୍ରସ୍ତୁତ ନକଲେ ପରେ ବିଷମ ପରିସ୍ଥିତି ସୃଷ୍ଟିହୁଏ। ଏହାର ଅନେକ ନଜିର ଦେଖିବାକୁ ମିଳେ। ଯିଏ ଯେଉଁ କାର୍ଯ୍ୟ ପାଇଁ ଯେତିକି ଯୋଗ୍ୟ ତାଠାରୁ ଅଧିକ କିଛି ଆଶା କରିବା ଏକ ବୃଥା ପ୍ରୟାସ। କିନ୍ତୁ ନିର୍ବୋଧତା ବଶତଃ କିଛି ବ୍ୟକ୍ତି ନିଜକୁ ସଠିକ ଆକଳନ ନକରି ଅନ୍ୟକୁ ଦେଖି ଲୋକଦେଖାଣିଆ ସମ୍ମାନ ଆଶା କରିବା ବୃଥା ଜାଣି ମଧ୍ୟ ସେଥିରୁ ନିବୃତ୍ତ ନହେବା ଏକପ୍ରକାର ବୋକାମୀ। ସାମର୍ଥ୍ୟ ଅନୁସାରେ ପରିଶ୍ରମ କରି ନିଜକୁ ପ୍ରତିଷ୍ଠିତ କରିବାର କଳା ହିଁ ଶ୍ରେଷ୍ଠ ସୋପାନ ଦେଖାଇଥାଏ। ଅନ୍ତରର ବିଶ୍ୱାସ, ଦୃଢ଼ ଇଚ୍ଛାଶକ୍ତି ବଳରେ କଠିନ କାର୍ଯ୍ୟରେ ଉତ୍ତୀର୍ଣ୍ଣ ହେବା ହିଁ ଭାଗ୍ୟ। ଅହଂକାରଯୁକ୍ତ ମଣିଷ କିନ୍ତୁ ଅନ୍ୟର କାନ୍ଧରେ ପାଦ ରଖି ଶୀର୍ଷରେ ପହଞ୍ଚିବାକୁ ଚାହେଁ। ଠିକ ସେତିକିବେଳେ ଜୀବନର ବାସ୍ତବ ପରୀକ୍ଷା ଆରମ୍ଭ ହୋଇଯାଏ। ବ୍ୟବହାରରେ ନମ୍ରତା ଦେଖାଇବା କିଛି ବଡ଼ କଥା ନୁହେଁ, ଅଥଚ ସମାଜରେ ଏଭଳି କିଛି ବ୍ୟକ୍ତି ଅଛନ୍ତି ଯିଏ କ୍ଷମତା ପାଇବା ମାତ୍ରେ ଅନ୍ୟକୁ ନାଲିଆଖି ଦେଖାଇବା ଆରମ୍ଭ କରିଦିଅନ୍ତି। ମାତ୍ର ଭାଗ୍ୟ ସେମାନଙ୍କ ସପକ୍ଷରେ ସବୁଦିନ ନଥାଏ। କେବେ ନା କେଉଁଠି ସାମାନ୍ୟ କ୍ଷତ ଏମାନଙ୍କୁ ଅସହ୍ୟ ଯନ୍ତ୍ରଣା ଦେଇଥାଏ। ଯେଉଁମାନେ ଜୀବନର ଅସଲ ମୂଲ୍ୟବୋଧ ବୁଝନ୍ତି, ସେମାନଙ୍କ ସପକ୍ଷରେ ଭାଗ୍ୟଦେବୀ ସର୍ବଦା ରହିଥାନ୍ତି। ଗତ ସପ୍ତାହରେ ଏନଡିଏ ସରକାର ଦେଶର ସର୍ବୋଚ୍ଚ ଆସନ ରାଷ୍ଟ୍ରପତି ପଦ ନିମନ୍ତେ ଦ୍ରୌପଦୀ ମୁର୍ମୁଙ୍କ ନାମ ଘୋଷଣା ପ୍ରତିଟି ଓଡ଼ିଆ ମନରେ ଯେଉଁ ପୁଲକ ଖେଳାଇଛନ୍ତି ତାହା ଅସଲ ଗଣତନ୍ତ୍ରର ଶକ୍ତ ପ୍ରତିଫଳନ। ପ୍ରଥମ ଓଡ଼ିଆ ଭାବେ ରାଷ୍ଟ୍ରପତି ଭବନର ଗରିମା ସମ୍ଭାଳିବେ ଦ୍ରୌପଦୀ। ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରୁ ରାଇସିନା ହିଲ ଯାତ୍ରା ଦ୍ରୌପଦୀଙ୍କ ପାଇଁ ନିଶ୍ଚୟ ସହଜ ନଥିଲା। ତୃଣମୂଳ ସ୍ତରରୁ କାର୍ଯ୍ୟ କରି ରାଜନୀତିରେ ସଫଳ ହେବା ପରେ ହିଁ ଏଭଳି ଅପୂର୍ବ ସୁଯୋଗ ତାଙ୍କପାଇଁ ଆସିଛି। ସେ ଜଣେ ନିରହଂକାରୀ ବ୍ୟକ୍ତି, ତାଙ୍କର ଜୀବନଶୈଳୀ ଅତ୍ୟନ୍ତ ନିରାଡ଼ମ୍ବର। ଏକ ଅଖ୍ୟାତ ଆଦିବାସୀ ବହୁଳ ଅଞ୍ଚଳରେ ଜନ୍ମିତ ଦ୍ରୌପଦୀ ଉଚ୍ଚ ଶିକ୍ଷା ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଆଜି ସାକାର ହୋଇଛି। ଶିକ୍ଷା, ସଂସ୍କାର, ଧୈର୍ଯ୍ୟ ଓ କର୍ତ୍ତବ୍ୟନିଷ୍ଠତା ପାଇଁ ସେ ଏବେ ଦେଶର ସର୍ବୋଚ୍ଚ ଆସନରେ ବସିବାକୁ ଯାଉଛନ୍ତି।

ପୂର୍ବରୁ ଜାତୀୟସ୍ତରରେ ଏତେସଂଖ୍ୟକ ଓଡ଼ିଆ ଲୋକ ଗୁରୁତ୍ୱପୂର୍ଣ୍ଣ ପଦରେ ନଥିଲେ। କାଭାଁ କିଏ କେମିତି ସୁଯୋଗ ପାଇଲେ ତାହା ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଭାବେ ପରିଗଣିତ ହେଉଥିଲା। ହେଲେ ବର୍ତ୍ତମାନ ସେ ଚିତ୍ର ବଦଳିଯାଇଛି। ଏବେ ଦେଶ ଚଳାଉଥିବା କିଛି ପ୍ରମୁଖ ବ୍ୟକ୍ତି ବିଶେଷଙ୍କୁ ଖୋଜିଲେ ସେଥିରେ ସର୍ବାଧିକ ଓଡ଼ିଆ ଲୋକଙ୍କୁ ଦେଖିବାକୁ ମିଳୁଛି। ବରିଷ୍ଠ ଆଇଏସ୍ ଅଧିକାରୀ ପ୍ରମୋଦ କୁମାର ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଅଛନ୍ତି। ଶକ୍ତିକାନ୍ତ ଦାସ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୃତ୍ୟୁଞ୍ଜୟ ମିଶ୍ର ଭାରତୀୟ ପାଣିପାଗ ଗବେଷଣା କେନ୍ଦ୍ରର ମୁଖ୍ୟ, ସତ୍ୟନାରାୟଣ ପ୍ରଧାନ ଏନ୍‌ସିବି (ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ) ଡିଜି ଭାବେ କାର୍ଯ୍ୟ କରୁଛନ୍ତି। ମୟୂରଭଞ୍ଜର ଓଡ଼ିଆ ପୁଅ ବରିଷ୍ଠ ଆଇଏଏସ୍ ଗିରୀଶ ଚନ୍ଦ୍ର ମୁର୍ମୁ ବର୍ତ୍ତମାନ ଭାରତର ସିଏଜି ଥିବାବେଳେ ପୂର୍ବରୁ ସେ ଜାମ୍ମୁ କାଶ୍ମୀରର ପ୍ରଥମ ଉପରାଜ୍ୟପାଳ ଭାବେ ନିଯୁକ୍ତ ହୋଇଥିଲେ। ସେହିପରି ଇଂ.ବିଶ୍ୱେଶ୍ୱର ଟୁଡୁ କେନ୍ଦ୍ର ଆଦିବାସୀ ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଓ ମୟୂରଭଞ୍ଜର ବୋହୂ ପୁନମ୍ ଗୁପ୍ତା ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା କମିଟିର ସଦସ୍ୟ ଅଛନ୍ତି। ଆଉ ଏବେ ଜଣେ ଓଡ଼ିଆ ମହିଳା ଦ୍ରୌପଦୀ ମୁର୍ମୁ ଭାରତର ପ୍ରଥମ ନାଗରିକ ହେବାକୁ ଯାଉଛନ୍ତି। ଏ ସବୁକୁ ଲକ୍ଷ୍ୟ କଲେ ପୂରା ଓଡ଼ିଶାକୁ ବିଜେପି ଫୋକସ୍‌ରେ ରଖିଥିବା ଚର୍ଚ୍ଚା ହେଉଛି। ପୂର୍ବରୁ ଡ.ଏପିଜେ ଅବ୍‌ଦୁଲ୍ କଲାମଙ୍କଠାରୁ ନେଇ ରାମନାଥ କୋବିନ୍ଦଙ୍କ ପର୍ଯ୍ୟନ୍ତ ବିଭିନ୍ନ ସଂପ୍ରଦାୟର ବ୍ୟକ୍ତିବିଶେଷ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଛନ୍ତି। ତେବେ ଆଦିବାସୀ ସାନ୍ତାଳୀ ସଂପ୍ରଦାୟରୁ କେହି ଏତେ ବଡ଼ ଗୌରବର ଅଧିକାରୀ ହୋଇନଥିଲେ। ସେ ଦୃଷ୍ଟିରୁ ଦ୍ରୌପଦୀ ମୁର୍ମୁଙ୍କୁ ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ଯେ, ସମାଜର କୌଣସି ବର୍ଗ ମୋଦୀ ସରକାରରେ ଅବହେଳିତ ନୁହନ୍ତି। ଯୋଗ୍ୟତା ଅନୁସାରେ ସମୟକ୍ରମେ ସମସ୍ତଙ୍କୁ ଉପଯୁକ୍ତ ସମ୍ମାନ ମିଳୁଥିବା ନେଇ ଓଡ଼ିଶାବାସୀ ଅନୁଭବ ଅନୁଭବ କରୁଛନ୍ତି। ଯେଉଁମାନେ ପରିବାରର ଅର୍ଥାଭାବକୁ ଦାୟୀ କରି ଉପରକୁ ଉଠିପାରୁନାହାନ୍ତି ବୋଲି କହୁଛନ୍ତି ବାସ୍ତବରେ ସେମାନେ ସେତିକି ଯୋଗ୍ୟ ନୁହନ୍ତି।


**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ବିଜୁଳି ବଳକା ରାଜ୍ୟରେ ବିଜୁଳି ହୁଗୁଳା



**ସତ୍ୟ ମହାପାତ୍ର**

ଏବେ ଖରାର ତାତି ଅହେତୁକ ଭାବେ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ବାରମ୍ବାର ବିଜୁଳି କାଟ ହେଉଛି। ରାଜ୍ୟର ଉପାନ୍ତ ବା ଆଦିବାସୀ ବହୁଳ ଅଞ୍ଚଳ କଥା ଛାଡ଼ାନ୍ତୁ। କଟକ-ଭୁବନେଶ୍ୱର ପରି ଦ୍ୱୈତ ନଗରୀରେ ମଧ୍ୟ ବାରମ୍ବାର ବିଜୁଳି କାଟ ହେଉଛି। ବିଜୁଳି ଦାୟିତ୍ୱ ନେଇଥିବା ଟାଟା କମ୍ପାନୀ କହୁଛନ୍ତି ଯେ, ମେଣ୍ଟେନାନ୍ସ ପାଇଁ ବିଜୁଳି କଟା ହେଉଛି। କିନ୍ତୁ ବାସ୍ତବ କଥା ଅଲଗା। ରାଜ୍ୟରେ ପର୍ଯ୍ୟାପ୍ତ ବିଦ୍ୟୁତ ଉପଲବ୍ଧ ଥିବା ସତ୍ତ୍ୱେ ଗ୍ରୀଷ୍ମକାଳରେ ଘନ ଘନ ବିଦ୍ୟୁତ୍ କାଟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ନୂଆଦିଲ୍ଲୀସ୍ଥିତ ଶକ୍ତି, ପରିବେଶ ଓ ଜଳ ପରିଷଦ ଘରୋଇ କ୍ଷେତ୍ରରେ ଶକ୍ତି ବ୍ୟବହାର ସଂପର୍କରେ ତାର ରିପୋର୍ଟ ପ୍ରକାଶ କରିଛି। କାଉନସିଲ ଅନ୍ ଏନର୍ଜି, ଏନଭାୟରନମେଣ୍ଟ ଏଣ୍ଡ ୱାଟର ୨୦୨୦ ମସିହା ରିପୋର୍ଟରେ କୁହାଯାଇଛି ଯେ ଭାରତ ବର୍ଷରେ କୌଣସି ରାଜ୍ୟ ପାୱାର କଟରୁ ମୁକ୍ତ ନୁହେଁ। ହେଲେ ଉଦବେଗର ବିଷୟଟି ହେଉଛି ଯେ ଓଡ଼ିଶାର ଗ୍ରାମାଞ୍ଚଳର ପାୱାର କଟ ଜାତୀୟ ହାରାହାରି ପାୱାର କଟ ସମୟ ଅବଧି ଠାରୁ ଅଧିକ ରହିଛି। ଜାତୀୟସ୍ତରରେ ସହରାଞ୍ଚଳରେ ଦିନକୁ ହାରାହାରି ୧ଘଣ୍ଟା ୪୦ ମିନିଟ ପାୱାର କଟ ହେଉଛି। ଗ୍ରାମାଞ୍ଚଳ ଏହା ୪ ଘଣ୍ଟା ଅଟେ। ଓଡ଼ିଶାରେ କିନ୍ତୁ ଗ୍ରାମାଞ୍ଚଳରେ ଦୈନିକ ୪ ଘଣ୍ଟା ୧୦ ମିନିଟ ବିଦ୍ୟୁତ୍ କାଟ ହେଉଥିବାବେଳେ ସହରାଞ୍ଚଳରେ ଜାତୀୟ ହାର ଠାରୁ ସାମାନ୍ୟ କମ ଅର୍ଥାତ ୧ଘଣ୍ଟା ୩୦ ମିନିଟ ପାଖାପାଖି ଲୋକ ଅନ୍ଧାରରେ ରହୁଛନ୍ତି।

ଉକ୍ତ ରିପୋର୍ଟ କହୁଛି ଯେ ଉତ୍ତରପ୍ରଦେଶରେ ସବୁଠାରୁ ଅଧିକ ପାୱାର କଟ ହେଉଛି। ସେଠାରେ ଗ୍ରାମାଞ୍ଚଳରେ ଦୈନିକ ଆଠ ଘଣ୍ଟା ଓ ସହରାଞ୍ଚଳରେ ଚାରି ଘଣ୍ଟା ପାୱାର କଟ କରାଯାଉଛି। ଓଡ଼ିଶା ଠାରୁ ଅଧିକ ପାୱାର କଟ ଝାଡ଼ଖଣ୍ଡ, ହରିୟାଣା, ଆସାମ, ବିହାର, ରାଜସ୍ଥାନ, ଛତିଶଗଡ଼ ଭଳି ରାଜ୍ୟରେ ହେଉଛି। ଏ କ୍ଷେତ୍ରରେ ଉଲ୍ଲେଖନୀୟ ଦିଗଟି ହେଉଛି ବିକଶିତ ରାଜ୍ୟରେ ପାୱାର କଟ ପରିମାଣ ଯଥେଷ୍ଟ କମ। ଦିଲ୍ଲୀରେ ସବୁଠାରୁ କମ ସମୟ ପାୱାର କଟ କରିବାକୁ ପଡୁଛି। ଏଠାରେ ଦୈନିକ ପାୱାର କଟ ଅବଧି ମାତ୍ର ୩୦ ମିନିଟ ରହିଛି। ସେହିଭଳି ଜାତୀୟ ହାରାହାରି ପାୱାର କଟ ଠାରୁ ଯଥେଷ୍ଟ କମ ସମୟ ପାୱାର କଟ କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ପଞ୍ଜାବ, ତାମିଲନାଡୁ, ଗୁଜୁରାଟ, କେରଳରେ ହେଉଛି। କେରଳରେ ପାୱାର କଟ ସମୟ ଦିଲ୍ଲୀ ପରେ ତଳଆଡୁ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଗୁଜୁରାଟ ଏହି ଧାରାରେ ତୃତୀୟରେ ରହିଛି। କେଉଁଠି ନା କେଉଁଠି ଏହି ଚିତ୍ର ସୂଚାଇ ଦେଉଛି ଯେ ଭାରତ ଶକ୍ତି କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିପାରୁନାହିଁ। ବିକଶିତ ରାଜ୍ୟ ଗୁଡ଼ିକ ଜାତୀୟ ହାରାହାରି ପାୱାର କଟ ଠାରୁ କମ ସମୟ ବିଦ୍ୟୁତ କାଟ କରୁଥିବାବେଳେ ପଛୁଆ ରାଜ୍ୟ ଗୁଡ଼ିକ ଜାତୀୟ ହାରାହାରି ପାୱାର କଟ ଠାରୁ ଅଧିକ କରୁଛନ୍ତି।

ଏହି ରିପୋର୍ଟ କିନ୍ତୁ ଓଡ଼ିଶା କ୍ଷେତ୍ରରେ ଆଉ ଏକ ରହସ୍ୟର ଉନ୍ମୋଚନ କରିଛି। ବିଦ୍ୟୁତ୍ ଆବଣ୍ଟନ କମ୍ପାନୀ କିଭଳି ଅଘୋଷିତ ଭାବେ ବିଦ୍ୟୁତ କାଟ କରିଚାଲିଛନ୍ତି, ଏହାର ପର୍ଦାଫାଶ ହୋଇଛି। ଘନ ଘନ ବିଦ୍ୟୁତ କାଟ ହେଉଥିବା ବେଳେ କମ୍ପାନୀମାନେ ଏହାକୁ ଅସ୍ୱୀକାର କରି ଚାଲିଛନ୍ତି। ଲୋକେ ଫୋନ କଲେ କେତେବେଳେ ମରାମତି ଚାଲିଛି ବୋଲି କୁହାଯାଉଛି, ଆଉ କେବେ ଅଧିକାରୀମାନେ ଫୋନ ଧରନ୍ତି ନାହିଁ। ଶକ୍ତି ସମୀକ୍ଷକମାନଙ୍କର ଯୁକ୍ତି ହେଲା ଯେ ଓଡ଼ିଶାର ପ୍ରାକୃତିକ ସମ୍ପଦ ମହଜୁଦ ରହିଛି। ରାଜ୍ୟ ଶକ୍ତି କ୍ଷେତ୍ରରେ ଏକ ସୁବିଧାଜନକ ସ୍ଥିତିରେ ରହିଛି ଓ ବରଦାନ ବୋଲି କୁହାଯାଇପାରିବ। ହେଲେ ଏହାକୁ ଠିକ ଭାବରେ ବ୍ୟବହାର କରାଯାଇପାରୁନାହିଁ। ଓଡ଼ିଶା ଶକ୍ତି କ୍ଷେତ୍ରରେ ସର୍ବ ଭାରତ ସ୍ତରରେ ଏକ ନମ୍ବର ହେବାର ଯୋଗ୍ୟତା ଥିଲେ ବି ପରିଚାଳନାଗତ ଅପାରଗତା ଏତେ ପ୍ରବଳ ହୋଇଛି ଯେ ପିକ ସମୟରେ ପାୱାର କଟ କରାଯାଉଛି। ଗ୍ରାମାଞ୍ଚଳ କଥା ନକହିବା ଭଲ। ସର୍ବ ଭାରତ ସ୍ତରରେ ଓଡ଼ିଶା ପାୱାର କଟ କରିବାରେ ଜାତୀୟ ହାରାହାରି ପାୱାର କଟ ଠାରୁ ଅଧିକ ରହିବା ଗୋଟିଏ ଲଜ୍ଜାଜନକ ଘଟଣା।

ତଥ୍ୟ କହୁଛି ଯେ ଓଡ଼ିଶାରେ ଗ୍ରୀଷ୍ମ ଋତୁରେ ସର୍ବୋଚ୍ଚ ବିଦ୍ୟୁତ ଚାହିଦା ୫୫୦୦ ମେଗାୱାଟ ରହୁଛି। ହେଲେ ରାଜ୍ୟରେ ବିଭିନ୍ନ ସୂତ୍ରରୁ ପ୍ରାୟ ୬୫୦୦ ମେଗାୱାଟ ବିଦ୍ୟୁତ ଉପଲବ୍ଧ ଅଛି। ଓଡ଼ିଶା ଜଳ ବିଦ୍ୟୁତ ନିଗମର କ୍ଷମତା ୨୧୦୦ ମେଗାୱାଟ। ଏହି ସଂସ୍ଥା ଅତି କମରେ ୧୫୦୦ ମେଗାୱାଟ (୧୮୦୦ ମେଗାୱାଟ ବି ଉତ୍ପାଦନ କରିପାରେ) ବିଦ୍ୟୁତ୍ ଉତ୍ପାଦନ କରିବାର ସାମର୍ଥ୍ୟ ରଖେ। ଓଡ଼ିଶା ବିଦ୍ୟୁତ ଉତ୍ପାଦନ ନିଗମର ସ୍ଥାପିତ କ୍ଷମତା ୧୭୪୦ ମେଗାୱାଟ। ଏଠାରୁ ଅତି କମରେ ୧୨୭୦ ମେଗାୱାଟ ବିଦ୍ୟୁତ ଉପଲବ୍ଧ ହେବା କଥା। ବେଦାନ୍ତ, ଜିଏମଆର, ଜିନ୍ଦଲ, ନବଭାରତ ଭଳି ବେସରକାରୀ ସ୍ୱାଧୀନ ବିଦ୍ୟୁତ କେନ୍ଦ୍ରଗୁଡ଼ିକରୁ ରାଜ୍ୟ ଦୈନିକ ୯୬୦ ମେଗାୱାଟ ବିଦ୍ୟୁତ ପାଇବାକୁ ହକଦାର। କେବଳ ସେତିକି ନୁହେଁ ଏହି ବିଦ୍ୟୁତ ଅତି ସୁଲଭ ଦରରେ ଉପଲବ୍ଧ, ଯାହାକୁ ଆମେ ବର୍ଷ ବର୍ଷ ଧରି ହାତଛଡ଼ା କରି ଆସିଛନ୍ତି। ଘରୋଇ କମ୍ପାନୀଙ୍କୁ ଅନୁକମ୍ପା ପ୍ରଦର୍ଶନ କରିବାକୁ ଯାଇ ରାଜ୍ୟର ଲକ୍ଷ ଲକ୍ଷ ଉପଭୋକ୍ତାଙ୍କୁ କେବଳ ମହଙ୍ଗା ବିଦ୍ୟୁତ୍ ଦିଆଯାଇଛି ଏବଂ ଅନ୍ଧାରରେ ବି ରଖାଯାଇଛି। ସେହିଭଳି ଶିଳ୍ପ ମାନଙ୍କ ପାଇଁ ସ୍ଥାପିତ ନିଜସ୍ୱ ବିଦ୍ୟୁତ କେନ୍ଦ୍ରଗୁଡ଼ିକରୁ ରାଜ୍ୟ ୫୫୦ ମେଗାୱାଟ ପାଇପାରିବ। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ ଜଳ ଓ ତାପଜ ବିଦ୍ୟୁତ କେନ୍ଦ୍ରରୁ ୧୭୦୦ ମେଗାୱାଟ ଏବଂ ଅକ୍ଷୟ ଶକ୍ତି ସୂତ୍ରରୁ ୪୫୦ ମେଗାୱାଟ ସମୁଦାୟ ୨୧୫୦ ମେଗାୱାଟ ବିଦ୍ୟୁତ ମିଳିବାର ସୁଯୋଗ ରହିଛି। ମୋଟାମୋଟି ଭାବେ ରାଜ୍ୟ ସୂତ୍ରରୁ ୪୩୫୦ ମେଗାୱାଟ ଏବଂ କେନ୍ଦ୍ର ସୂତ୍ରରୁ ୨୧୫୦ ମେଗାୱାଟ ଏହିଭଳି ଦୈନିକ ୬୫୦୦ ମେଗାୱାଟ ଉପଲବ୍ଧ ଥିବାବେଳେ ଏହାଠାରୁ ପାଖାପାଖି ହଜାରେ ମେଗାୱାଟରୁ କମ ବିଦ୍ୟୁତ ଚାହିଦା ପିକ ସମୟରେ ରହିଛି। ଏତେ ସୁବିଧା ଥାଇ ବି ରାଜ୍ୟରେ ବିଦ୍ୟୁତ କାଟ କରାଯିବା ପ୍ରଶାସନିକ ଅପାରଗତା, ଦୂରଦୃଷ୍ଟିହୀନତା ଏବଂ ଏକ ବିଡ଼ମ୍ବନା ବୋଲି ହିଁ କୁହାଯାଇପାରିବ।

କେବଳ ସେତିକି ନୁହେଁ, ଗତ ଦଶନ୍ଧିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୨୦ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ ହୋଇଛି, ଖାସ ଭିତ୍ତିଭୂମିର ବିକାଶ ଲାଗି। ଏହାସତ୍ତ୍ୱେ ମରାମତି, ରକ୍ଷଣାବେକ୍ଷଣ କାରଣରୁ ବିଦ୍ୟୁତ କାଟ ଏବଂ ବାଣିଜ୍ୟ ଓ ବିତରଣ ଜନିତ କ୍ଷତି (ହାରାହାରି ୨୮%) ସୂଚାଇ ଦେଉଛି ଯେ ସମୁଦାୟ କ୍ଷେତ୍ରଟି ଗୋଟିଏ ବଡ଼ କେଳେଙ୍କାରୀ ଭିତରେ ଛନ୍ଦି ହୋଇଯାଇଛି।


*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ‘ସତ୍ୟାଳୟ’ ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ*
*ଦୂରଭାଷ : ୯୬୫୮୧୦୫୫୩୨*


# ଅବଚେତନ ଜ୍ଞାନ

**ପଙ୍କଜ କୁମାର ପାଣିଗ୍ରାହୀ**

ଅବଚେତନ ଜ୍ଞାନ ମଣିଷର କ୍ଷୁଦ୍ର ମସ୍ତିଷ୍କରେ ଅବସ୍ଥିତ ଯାହା ନିଜସ୍ୱ ନିୟନ୍ତ୍ରଣ ବହିର୍ଭୁତ ହୋଇଥାଏ । ଅବଚେତନ ଜ୍ଞାନରୁ ନିର୍ଗତ ବିଚାରଧାରା ସିଧାସଳଖ ମଣିଷର ଭାବଧାରା ଅନ୍ତର୍ଗତ ନହୋଇ କେବଳ ଅଜ୍ଞାତ ଚେତନା ସୃଷ୍ଟି କରିଥାଏ। ମଣିଷ ଜୀବନର ବାସ୍ତବ ଅବାସ୍ତବ କାର୍ଯ୍ୟଶୈଳୀ, ଭାବଧାରା ତଥା ଅଲୌକିକ ବିଚାର ଭଳି ଅନେକ ନିୟନ୍ତ୍ରଣ ବହିର୍ଭୁତ ବିଷୟ ଅବଚେତନ ଜ୍ଞାନ ଅନ୍ତର୍ଭୁକ୍ତ ହୋଇଥିବା ବେଳେ କେତେକ କ୍ଷେତ୍ରରେ ଭାବ ବହିର୍ଭୁତ ବିଷୟ ଗୁଡିଏ ମଧ୍ୟ ଅବଚେତନ ଜ୍ଞାନ ଅନ୍ତର୍ଭୁକ୍ତ ହୋଇଥାଏ। ସେଗୁଡିକ ମଣିଷକୁ ସ୍ୱପ୍ନ ଆକାରରେ ଦେଖାଯିବା ସହିତ ଅନେକ ସମୟରେ ଚେତନ ଅବସ୍ଥାରେ ମଧ୍ୟ ପ୍ରଭାବିତ କରିଥାଏ। ଅବଚେତନ ଜ୍ଞାନକୁ ମଣିଷ ନିୟନ୍ତ୍ରଣ କରିପାରିବା ଭଳି କୌଣସି ପ୍ରାକୃତିକ ପ୍ରାବନ୍ଧ ରଖିନାହିଁ ଜନ୍ମଦାତ୍ରୀ ପ୍ରକୃତି। ମଣିଷ ନିଜର ଅବଚେତନ ଜ୍ଞାନର ଭୟାବହତା ତଥା ବିପରୀତମୁଖି ପ୍ରକୋପ ଗୁଡିକ ବିଷୟରେ ଆଦୌ ନିୟନ୍ତ୍ରଣ ରଖିନଥିବା ବେଳେ ତାହା ସମୟରେ ଘାତକ ଭଳି କାର୍ଯ୍ୟ କରିଥାଏ ମଣିଷ ପାଇଁ। କି’ନ୍ତୁ ଅବଚେତନ ଜ୍ଞାନକୁ ସନ୍ତୁଳିତ ଅବସ୍ଥାରେ ରଖି ନିଜସ୍ୱ ଜୀବନକୁ ନିୟନ୍ତ୍ରଣ କରିବା କ୍ଷମତା ମଧ୍ୟ କିଛିକଂଶରେ ରହିଛି ମଣିଷ ପାଖରେ। ଚେତନା ଜ୍ଞାନକୁ କରାୟତ କରି ମଣିଷ ନିଜସ୍ୱ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରେଖା ମଧ୍ୟରେ କାର୍ଯ୍ୟ କରି ପାରିବା କ୍ଷମତା ଭଳି ଅବଚେତନ ଜ୍ଞାନକୁ ନିୟନ୍ତ୍ରିତ କରିବା ଏତେ ସହଜ ନୁହେଁ! ତଥାପି କିଛି ମାତ୍ରାରେ ନିୟନ୍ତ୍ରିତ କରିହେବ କେମିତି, ଜାଣିବା ଏକ କଷ୍ଟକର ବ୍ୟାପାର ହେଲେ ମଧ୍ୟ ଅସମ୍ଭବ ନୁହେଁ!

ଅବଚେତନ ଜ୍ଞାନ ଅଲୌକିକ ଭାବଧାରା ସୃଷ୍ଟି କରିବାରେ ଯଥେଷ୍ଟ ସାହାଯ୍ୟ କରୁଥିବା ବେଳେ କେତେକ ସମୟରେ ଦାର୍ଶନିକ ଚେତନା ମଧ୍ୟ ସୃଷ୍ଟି କରିଥାଏ ମନରେ ଯାହା ମଣିଷର ଚେତନା ଜ୍ଞାନ ନିୟନ୍ତ୍ରିତ ହୋଇନଥାଏ। ଅନେକ ସମୟରେ ମଣିଷ କେତେକ ଭବିଷ୍ୟଦ୍ରଷ୍ଟା ଚେତନା ପାଇବା ସହିତ ନିଜକୁ ନିଜେ ବିଶ୍ୱାସ କରି ପାରୁନଥିବା ବିଷୟ ଗୁଡିଏ ମନ ମାନସରେ ଆନ୍ଦୋଳିତ ହୋଇଥାଏ ଯାହା ଅବଚେତନ ଜ୍ଞାନର ପ୍ରଭାବ ଜନିତ ହୋଇଥାଏ। ଅବଚେତନ ଜ୍ଞାନର ପ୍ରଭାବ ପରୋକ୍ଷରେ ମଣିଷକୁ ପ୍ରଭାବିତ କରୁଥିବା ବେଳେ ପ୍ରେତ୍ୟେକ୍ଷ ନିୟନ୍ତ୍ରଣ ରହିନଥାଏ ତାହାରି ଉପରେ। ଅବଚେତନ ଜ୍ଞାନକୁ ବୁଝିବା ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର ଯାହା କେବଳ ସ୍ଥିର ଚିତ୍ତରେ ମାନସ ମନ୍ଥନ ଦ୍ୱାରା କିଂଚିତ ସମ୍ଭବ ହୋଇପାରେ, କି’ନ୍ତୁ ନିଶ୍ଚିତ ନୁହେଁ । ମଣିଷର ଗତିବିଧି, ଭାବଧାରା, ପାରିପାର୍ଶ୍ୱିକ ଆଚରଣ, ପ୍ରଭାବ ଇତ୍ୟାଦି ଜୀବନ ଶୈଳୀର ଦୈନଦିନ କାର୍ଯ୍ୟକ୍ରମ ଉପରେ ଆଧାରିତ ଭିନ୍ନ ଭିନ୍ନ ତତ୍ୱ ସୃଷ୍ଟି ହୋଇଥାଏ ଅବଚେତନ ଜ୍ଞାନରେ, ସ୍ଥଳ ବିଶେଷ, ବ୍ୟକ୍ତି ବିଶେଷକୁ ନେଇ ଯାହା ଜଣଙ୍କ ଠାରୁ ଅନ୍ୟ ଜଣଙ୍କ ପାଖରେ ଗଭୀର ଭିନ୍ନତା ପ୍ରଦର୍ଶନ କରିଥାଏ।

ଅବଚେତନ ଜ୍ଞାନକୁ କିଞ୍ଚିତ ନିୟନ୍ତ୍ରିତ କରି ରଖିବା ବିଚାର କଲେ ପ୍ରଥମେ ନିଜକୁ ମାୟାରୁ ମୁକୁଳାଇ ସଂସାରର ବାସ୍ତବତା ବିଷୟରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିବାକୁ ହେବ। ଆକାଂକ୍ଷା, ମନ୍ଦ ବିଚାର ମନରୁ ଦୁରେଇ କେବଳ ଶାନ୍ତ ବିଚାରଧାରା ଜାଗ୍ରତ ପୂର୍ବକ ମାନସିକ ଚେତନା ତଥା ଶୀଥିଳତା ସୃଷ୍ଟି କରିବାକୁ ହେବ । ଅସ୍ଥିରତା ବର୍ଜନ କରି କୌଣସି ବିଷୟରେ ବିଚଳିତ ନହୋଇ ଧୀରେ ସୁସ୍ଥରେ କାର୍ଯ୍ୟ ନିର୍ବାହ କରିବାକୁ ହେବ । ଅଧିକନ୍ତୁ ବିଚାରଶୀଳ ମନୋନିବେଶ ପୂର୍ବକ ଧ୍ୟାନମଗ୍ନ ରହି ଚେତନା ଜ୍ଞାନକୁ ସମ୍ପୂର୍ଣ୍ଣ କରାୟତ କରିପାରିଲେ ଅବଚେତନ ଜ୍ଞାନ ଶାନ୍ତ, ସ୍ଥିର ଅବସ୍ଥାରେ ରହି ମଣିଷକୁ ଭାବାବେଗ ତଥା ସାମାଜିକ ଭୟାବହତା ଠାରୁ ଦୁରେଇ ରଖିବାରେ ସହଯୋଗ କରିପାରେ। ଅବଚେତନ ଜ୍ଞାନ ସମ୍ପୂର୍ଣ୍ଣ ଭାବେ ମଣିଷର ନିୟନ୍ତ୍ରଣାଧିନ ହେବା ଅସମ୍ଭବ! ତଥାପି କୌଣସି ଉଦ୍‌ବେଗ, ଉନ୍ମାଦନାପୂର୍ଣ୍ଣ ବିଚାର, ସ୍ୱପ୍ନ ସୃଷ୍ଟି ହେଲେ ମଧ୍ୟ ଯଦି ଚେତନା ଜ୍ଞାନ ନୟନ୍ତ୍ରଣାଧିନ ରହିଥିବ ତାହେଲେ ମଣିଷ ନିଜକୁ ସନ୍ତୁଳିତ କରି ରଖିବାରେ ସମର୍ଥ ହୋଇପାରିବ। ତେଣୁ ମଣିଷ ନିଜର ଚେତନା ଜ୍ଞାନକୁ ମାନବୀୟ ଢଙ୍ଗରେ ସଜାଡି ରଖିଲେ ଅବଚେତନ ଜ୍ଞାନର ଯୁକ୍ତାତ୍ମକ ପ୍ରଭାବ ଅନୁଭବ କରିବା ସମ୍ଭବ ହୋଇପାରେ। ମାନସିକ ସ୍ଥିରତା ତଥା ନିଜକୁ ଶାନ୍ତ ଚିତ୍ତରେ ଅନେକ ସମୟ ଧ୍ୟାନମଗ୍ନ ରହିଲେ ଏହିସବୁ ସମ୍ଭବ ହେବା ସମ୍ଭାବନା ଯଥେଷ୍ଟ ଅଧିକ ରହିଥାଏ।


*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଞ୍ଜାମ*
*ଦୂରଭାଷ.: ୯୪୩୭୩୨୪୯୧୭*


# ନିଷିଦ୍ଧ ନିଶାଦ୍ରବ୍ୟର ବ୍ୟବସାୟ ଓ ଅପବ୍ୟବହାର



**ଡାକ୍ତର ସମ୍ରାଟ କର**

ମାନବ ସଭ୍ୟତା ଆରମ୍ଭରୁ ସମାଜ ବହୁ ପ୍ରକାର ନିଶା ଦ୍ରବ୍ୟକୁ ଆଦରି ଆସିଛି। ଏହି ନିଶା ଦ୍ରବ୍ୟ ଲୋକମାନଙ୍କର ଚିନ୍ତା, ଭାବନା, ଆବେଗ, ଭୋକ, ନିଦ୍ରା, ଯୌନ, ଇଚ୍ଛା, ବ୍ୟଥା ଉପଶମ ଓ ବ୍ୟବହାରରେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକମାନଙ୍କର ବର୍ଦ୍ଧିତ ଓ କ୍ରମବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ଏକ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ଏହାର ନିରାକରଣ ପାଇଁ ଜରୁରୀକାଳୀନ ପଦକ୍ଷେପ ନିଆ ନଗଲେ ସମାଜ ଧ୍ୱଂସାଭିମୁଖୀ ହେବ, ଏହା ନିଃସନ୍ଦେହ। ଏଥିପାଇଁ ଆଜିର ଦିନ (ଜୁନ ୨୬ ତାରିଖ)କୁ ସଂଯୁକ୍ତ ଜାତିସଂଘ ନିଷିଦ୍ଧ ନିଶାର ଅପବ୍ୟବହାର ଓ ତାର ବ୍ୟବସ୍ଥାର ସଚେତନତା ଦିବସ ରୂପେ ପାଳନ କରୁଅଛି। ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ହୋଇଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତି, ଅନୁଷ୍ଠାନକୁ ଆକୃଷ୍ଟ କରିଛି ଯାହାକି ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ପାଲଟି ଗଲାଣି। ସାଧାରଣତଃ ପ୍ରଚଳିତ ନିଶାଦ୍ରବ୍ୟ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ଆଇନ ସମ୍ମତ - ଦେଶର ଆଇନ ବ୍ୟବସ୍ଥା ଯେଉଁ ନିଶାର ବ୍ୟବହାର ଓ ଉତ୍ପାଦନ ଆଦିକୁ ଅନୁମତି ଦେଇଥାଏ, ଯେମିତିକି ଭାରତରେ ମଦ, ପାନ, ବିଡ଼ି, ସିଗାରେଟ, ଗୁଟଖା, ଭାଙ୍ଗ ଇତ୍ୟାଦି। ଆଇନ ଅସମ୍ମତ - ଯେମିତିକି ହିରୋଇନ, ଗଞ୍ଜେଇ, ଅଫିମ, ଆମଫିଟାମିନ, ବ୍ରାଉନସୁଗାର, ଚରସ ଓ ହାସିସ୍ ଇତ୍ୟାଦି। ମୁଖ୍ୟତଃ ବିଶ୍ୱର ୭୫% ଅଫିମ ଆଫଗାନିସ୍ତାନରୁ ଓ କୋକେନ୍ ହଣ୍ଡୁରାସରୁ ଉତ୍ପାଦନ ହୁଏ। ଏହି ନିଶା କାରବାର ଉପରୋକ୍ତ ଦୁଇ ଦେଶରୁ ଆରମ୍ଭ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଛି, ଯଥା ଆରବ ଦେଶ, ଋଷିଆ, ୟୁରୋପ, ଆମେରିକା, ଭାରତ ଓ ଅନ୍ୟ ଛୋଟବଡ଼ ଦେଶ। ଏକ ରିପୋର୍ଟରୁ ଜଣାଯାଇଛି ଯେ ଯେଉଁ ପଥ ଦେଇ ଏହି ନିଶାଦ୍ରବ୍ୟର ପରିବହନ ହୋଇଥାଏ ସେହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ଅଧିକ ହୋଇଥାଏ। ଏହାର ବ୍ୟବସାୟ ବହୁପ୍ରକାର ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ଆକୃଷ୍ଟ କରିଥାଏ। କାରଣ ଅନ୍ୟ ଯେକୌଣସି ବ୍ୟବସାୟ ତୁଳନାରେ ଏହା ଅଧିକ ଲାଭଜନକ। ଅଲକାଇଦା, ଆଇଏସଆଇଏସ ଭଳି ଆନ୍ତର୍ଜାତିକ ଆତଙ୍କବାଦୀ ସଙ୍ଗଠନମାନଙ୍କର ଏହା ମୁଖ୍ୟ ଆୟର ମାର୍ଗ। ଏକ ରୋମାଞ୍ଚକର ବିଷୟ ଏହି ନିଶା ବ୍ୟବସାୟ ସମଗ୍ର ବିଶ୍ୱବାଣିଜ୍ୟର ୧% ଅର୍ଥ।

ନିଶାଦ୍ରବ୍ୟ ନିର୍ଭରଶୀଳତାଜନିତ ଅସୁବିଧା : ନିୟମିତ ନିଶା ସେବନ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଚାଲିଚଳନ, ପାରିବାରିକ, ସାମାଜିକ ସମ୍ପର୍କ କାର୍ଯ୍ୟଦକ୍ଷତା, ଅର୍ଥାଭାବ ଓ ଥଇଥାନ ସମସ୍ୟା ଇତ୍ୟାଦି ଦେଖାଯାଏ। ମୁଖ୍ୟ ଶାରୀରିକ ସମସ୍ୟା : ଯେପରିକି ଜଣ୍ଡିସ ବା କାମଳରୋଗ, ପେପ୍ଟିକ ଅଲସର, ନିଉରାଇଟିସ୍ ପାରାଲିସିସ୍, ହୃଦ୍‌ଘାତ, ଯକୃତ ଜନିତ ରୋଗ, ଅପସ୍ମାର ବାତ ଇତ୍ୟାଦି। ମୁଖ୍ୟ ମାନସିକ ସମସ୍ୟା : ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗପୂର୍ଣ୍ଣ ମାନସିକ ରୋଗ ହିସାବରେ ଉଭା ହୋଇଥାଏ। ଯେପରିକି ଡିପ୍ରେସନ, ସିଜୋଫ୍ରେନିଆ, ସାଇକୋସିସ୍ ଇତ୍ୟାଦି। ନିୟମିତ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଅନେକ ମାନସିକ ରୋଗର ସମ୍ମୁଖୀନ ହୋଇଥାନ୍ତି। ଯେପରିକି ନିଦ୍ରାହୀନତା, ଆବେଗଜନିତ ସମସ୍ୟା, ସ୍ମରଣଶକ୍ତି କମିଯିବା, ସନ୍ଦେହ କରିବା ଦ୍ୱାରା ବିବାହ ବିଚ୍ଛେଦ ହେବା, ଆତ୍ମହତ୍ୟା ପ୍ରବଣତା ବଢ଼ିଯିବା, ଶୂନ୍ୟରୁ କଥା ଶୁଣିବା, ଅବାନ୍ତର କଥା ହେବା, ନିଶା ନଖାଇଲେ ନିଦ ନହେବା ଏବଂ ନିଶା ଛାଡ଼ିବାର ଇଚ୍ଛା ସତ୍ତ୍ୱେ ଛାଡ଼ି ନପାରିବା। ଭାରତରେ ନିଶା ଦ୍ରବ୍ୟର ବ୍ୟବହାର : ଭାରତରେ ନିଶା ଦ୍ରବ୍ୟର ବ୍ୟବହାର ବହୁଳଭାବେ ପଞ୍ଜାବରେ ଦେଖାଯାଏ ଏବଂ ଭାରତ ବର୍ଷରେ ପଞ୍ଜାବ ନିଶା ଜର୍ଜରିତ ରାଜ୍ୟ ଭାବେ ପରିଚିତ। ଏଠି ସୂଚନାଯୋଗ୍ୟ ହିନ୍ଦୀ ସିନେମା ଉଡତା ପଞ୍ଜାବ ଏହି ନିଶା କାରବାର ଓ ବ୍ୟବହାରକୁ ବିଷୟକୁ ନେଇ ଆଧାରିତ। ଏହି ରାଜ୍ୟ ଅନ୍ତର୍ଭୁକ୍ତ ସୀମା ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳମାନଙ୍କରେ ନିଶା କାରବାର ଏକ କୌଳିକ ବୃତ୍ତି ଭାବରେ ଆଦିର ନେଲେଣି। ଯେଉଁ ବ୍ରାଉନ ସୁଗାରର ଦର ସୀମାପାର୍ଶ୍ୱରେ ୧ଲକ୍ଷ ସେହି ଦ୍ରବ୍ୟ ଦିଲ୍ଲୀରେ ୧କୋଟି ଟଙ୍କା ହୋଇଯାଏ। ଏହି ରାଜ୍ୟର ୭୫%ରୁ ଅଧିକ ଯୁବକ/ଯୁବତୀ ନିଶାଗ୍ରସ୍ତ ଅଟନ୍ତି। ଆମ ଓଡ଼ିଶାରେ ମଧ୍ୟ ଏହି ନିଶା ଦ୍ରବ୍ୟର ବ୍ୟବହାର କମ୍ ନୁହେଁ। ସାଧାରଣତଃ ଓଡ଼ିଶାର ଦକ୍ଷିଣ ଭାଗ ଯଥା ମାଓବାଦୀ ପ୍ରବଣ ଜିଲ୍ଲାମାନଙ୍କରେ ନିଶାଦ୍ରବ୍ୟର ଉତ୍ପାଦନ ଅଧିକ ହୋଇଥାଏ। ନିଶାମୁକ୍ତ ସମାଜ ଗଠନ କରିବା ଯଦିଓ ଅସମ୍ଭବ, କିନ୍ତୁ ସଚେତନତା ଓ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ କିଛି ମାତ୍ରାରେ ନିୟନ୍ତ୍ରଣ କରିହେବ। ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ନିତାନ୍ତ ଆବଶ୍ୟକ। ବର୍ତ୍ତମାନ ଆମ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହେବାକୁ ଯାଉଥିବା ୮ଟି ନିଶା ନିବାରଣ କେନ୍ଦ୍ର ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଆଧାର ହେବ। ଆଇନଜ୍ଞ, ଶିକ୍ଷାବିତ୍, ପୁଲିସ୍, ସମ୍ବାଦପତ୍ର, ସାମାଜିକ ସ୍ୱେଚ୍ଛାସେବୀମାନଙ୍କର ସଚେତନତା, ମନସ୍ତତ୍ତ୍ୱବିତ୍, ଯଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞ ଏବଂ ସମାଜଅଭିମୁଖୀ ଚେଷ୍ଟା ଦ୍ୱାରା ଏହି ସମସ୍ୟାକୁ ଆମେ ଏଡ଼େଇ ପାରିବା।


*ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ, ପୁରୀଘାଟ ରୋଡ଼, କଟକ*
*ଦୂରଭାଷ : ୯୧୩୨୪୩୩୩୩୩*

## ଧାରାବାହିକ ଉପନ୍ୟାସ

ବିଧୁମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୧୩




*(ପୂର୍ବପ୍ରକାଶ ଉତ୍ତାରୁ)*

ଏତେ ବଡବଡ ଘରମାନଂକୁ ସଫା କରିବାରେ ହିଁ ସବୁତକ ସମୟ ଚାଲିଯାଏ। ଆଉ ମାଲିକାଣୀ ଟିକେ ଟିକେ କଥାରେ ଖୁବ୍ ରାଗନ୍ତି। ଅପରିଷ୍କାର ଅପରିଚ୍ଛନ୍ନତାକୁ ସହ୍ୟ କରିପାରନ୍ତି ନାହିଁ। ନୀରବରେ ସବୁତକ ଝଡ ସହିଯାଇ ସେ ସାମ୍ନାକରେ ନିଷ୍ଠୁର ବାସ୍ତବତାକୁ।

ଆଜିକାଲି ନିଜପାଇଁ ସ୍ୱପ୍ନ ଦେଖିବାକୁ ଖୁବ୍ ଭୟହୁଏ। ସ୍ୱାମୀ ମହେଶ ବି ଅସୁସ୍ଥ ଠିକ୍ ମାଆ ଭଳି। ଅହରହ ଥଣ୍ଡା ଆଉ କାଶରେ ସେ ରୁନ୍ଧିହୁଏ। ଘରେ ଦୁଇ ଦୁଇଜଣ ରୋଗୀଣା ମଣିଷଙ୍କ ସେବାକରି ପଥି ରାନ୍ଧିଦେଇ ସେ ଚାଲେ ମାଲିକ ଘରକୁ। ସେ ଘରଟି ହାତରୁ ଖସିଲେ ଏ ଦୁଇଜଣଙ୍କର ଚିକିତ୍ସା କିପରି କରିବ? ଆଜିକାଲି କାମ ତାର ଆବଶ୍ୟକତା ପାଲଟିଯାଇଛି! ମାଆ ପିଛାରେ ଓଷଦ ବନ୍ଧା। ମହେଶକୁ ଡାକ୍ତର ଦେଖାଇ ଅନେକ ଔଷଧ ଦେଲାଣି। ଟଙ୍କା ପାଣିପରି ଖର୍ଚ୍ଚ ହେଉଛି। ଅଥଚ ସେ ଦିନକୁ ଦିନ ଦୁର୍ବଳ ହୋଇପଡୁଛି। କାମକୁ ଯାଇପାରୁନି।

ଠିକାଦାର ତାର ଅନିୟମିତତା ଦେଖି ତାକୁ କାମରୁ ବାହାର କରି ଦେଲାଣି। ସେଥିପାଇଁ ପାରର ଚିନ୍ତାନାହିଁ। ଲୋକଟା ସୁସ୍ଥ ରହିଲେ ତ କିଛି କରିବ। ସେ ଭଲ ହୋଇଯାଉ ଆଗ। ଏ ସଂସାରରେ କାମର କଣ ଅଭାବ ଅଛି? ଘରେ ଚାରିପ୍ରାଣୀ କୁଟୁମ୍ବ ଓ ସେ ହିଁ ଏକା ରୋଜଗାରକ୍ଷମ। କାଖରେ ଛୁଆ ବକଟକୁ ଜାକି ଧରି ଦୁଃଖ କଷ୍ଟକୁ ପଛକୁ ଠେଲି ଆଗକୁ ଚାଲିଛି ଗୋଟେ ଅଦମ୍ୟ ସାହସରେ..ସୁଅ ମୁହଁର ପତ୍ରପରି!

ତାର କିଛିମାସ ପରେ ସାନ ମାଲିକାଣୀଙ୍କ ବିବାହ। କେତେକଣ ସାଜସଜ୍ଜା ଓ ଭବ୍ୟ ଆୟୋଜନ। ମାଲିକାଣୀ ଶାଢୀଗହଣାରେ ଠାକୁରାଣୀ ଭଳି ଦିଶୁଛନ୍ତି। ପୋତି ହୋଇ ପଡୁଥାନ୍ତି ଉପହାରମାନଙ୍କରେ। ଏସବୁ ଦେଖି ପାରକୁ ଲାଗୁଥାଏ- ଭାଗ୍ୟ କାହାପାଇଁ କଣ ଆଣି ଆସେ ସାଙ୍ଗରେ ସତରେ? କିଏ ରଜାଝିଅ ହୋଇ ଘିଅ ମହୁକୁ ଥୁ' ଥୁ' କରି ଫିଙ୍ଗେ ତ ପୁଣି କାହା କପାଳକୁ କ୍ଷୀର ଟୋପାଏ ବି ନଥାଏ।

ପାର ମନଭିତରେ କେମିତି ଏକ ଅନ୍ତର୍ଦାହ..! ମନେପଡୁଛି ତାର ସେଇ ନିରସିଆ ବାହାଘର କଥା..! ଯେଉଁ ବାହାଘରରେ ଖାଲି ଦେବତା, ମନ୍ଦିର ଓ ତା ମାଆ ସାକ୍ଷୀ,ତାପରେ ମାଳବଦଳ। ନନାଙ୍କ ଦ୍ୱାରା ଦୁଇଶହ ଘିଅରେ ହୋମ, କିଛି ଅରୁଆ ଚାଉଳ, ଦୂବ ବରକୋଳି ପତ୍ର, ହୁଳହୁଳି ଓ ବାହାଘର ଶେଷ। ଭୋଜି କହିଲେ ବସ୍ତିରେ ଖେଚୁଡି ଆଉ ଡାଲମା। ସେଇ ତ କାହିଁରେ କଣ! ଏତେ ସପନକୁ ରାତି କାହିଁ! ନିଜପାଇଁ ମନେ ମନେ ହସିଲା।

ପାର୍ବତୀକୁ ଡାକିଲେ ମାଲିକାଣୀ- ପାର, ଦେଖିଲୁ ଏ ଶାଢୀ..ବାପା ଆଣିଛନ୍ତି ବନାରସରୁ ବରାଦ ଦେଇ..! ଆଉ ଏ ମଣିପୁରୀ ହାରଟା ମାମୁଘର ଦେଇଛନ୍ତି.. ପୁରା ପାଂଚ ଭରିର..। ଆଉ ଏ ବାହୁଟି..ପୁରା ଛଅ ଭରି ଅଛି। ତା ସହିତ ଏ ମୋଟା ଚେନ୍ ଆଉ ପାପୁଲି ଭଳି ଲକେଟ୍..। ଦେଖ୍ ମୋ ମଥାର ସିନ୍ଥି, ବେକର ମଙ୍ଗଳସୂତ୍ର, କଙ୍କଣ..। ଏସବୁ ମତେ ମାନୁଚି ନା? ଏସବୁକୁ ନାହି ମୁଁ ଦେବୀ ପରି ଦିଶୁଚି ନା ନାଇଁ? କହ ପାର। ପାର କଣ କହିବ ଭାବୁଭାବୁ ମାଲିକାଣୀ ତା ଆଡକୁ ନଜର ନଦେଇ ପୁଣି ତାକୁ ପଚାରି ବସିଲେ- ସତ କହିଲୁ.. ମୁଁ କେମିତି ଦିଶୁଛି? ଓହ୍ ଏତିକି କହିବାକୁ ତତେ କେତେ ଡେରି ଲାଗୁଚି ଲୋ?

ପାର କିଛି କହିପାରିଲାନି। କହିଲା- ଇଏ କେମିତିକା ପ୍ରଶ୍ନ..? କହିଲେ ପରା ନଜର ଲାଗିଯିବ ସମସ୍ତଙ୍କର। ୟା'ଠାରୁ ଆଉ ବା ଅଧିକ କଣ କହିବି!

ସତ କହୁଛୁ ପାର..ମୁଁ ଏତେ ସୁନ୍ଦର ଦିଶୁଛି! ଆଉ ମୋ କଣ୍ଠିହାର ଦେଖିଲୁ..ମୋତେ ମାନୁଛି ନା? ମୋ ପାଦକୁ ଚାହାଁ..ଏତେ ମୋଟାର ପାଉଜି। ଗୋଡ ଟିକେ ହଲେଇଦେଲେ ବି ରୁମ୍ ଝୁମ୍ ସ୍ୱର..ମାଲିକାଣୀ ଖୁସିରେ କୁରୁଳି ଉଠିଲେ। ନିଜକୁ ଆଇନାରେ ଦେଖି ମୁରୁକି ମୁରୁକି ହସିଲେ।

ଭାଗ୍ୟରେ ଥିଲେ ଏଭଳି ସୁଖର ଝଲକ ଅନୁଭବ କରିବାକୁ ମିଳେ! ଆଉ ତୁମେ ସତରେ ଖୁବ୍ ଭାଗ୍ୟବତୀ!

ଲାଜେଇ ଲାଜେଇ ସେ ଆଇନାକୁ ଚାହିଁ କହିଲେ-ଯାଃ, ତୁ ଏକା କହିଲେ ହବ କି? ଅନ୍ୟମାନେ ବି ସେଇ କଥା କହିଲେ ଯାଇହବ ନା!

ଅନ୍ୟମାନେ ମାନେ କିଏ କି ଛୁଆ ମାଲିକାଣୀ? ମୁଁ ତ କାଇଁ ଏତେ ଲାଜର ଅର୍ଥ ବୁଝିପାରୁନି!

ଆଇନାଟାକୁ ଛାତିରେ ଜଡାଇଧରି ସେ ଆନନ୍ଦରେ ଅଧୀରା ହୋଇ କହିଲେ- ପାର ସବୁ ଝିଅଙ୍କର ଗୋଟେ ସ୍ୱପ୍ନଥାଏ ନା ଆଖି ତଳେ? ସେମାନଙ୍କ ସ୍ୱାମୀ କିପରି ହେବ? ଚିରଇପସିତ ବିବାହର ସେ ମଙ୍ଗଳ ମୁହୂର୍ତ୍ତଟି କିପରି ବିତିବ! ତା ରୂପକୁ ଦେଖି ଆକାଶର ଜହ୍ନ ଲାଜେଇଯାଇ ବଉଦମାନକ ଭିତରେ ମୁହଁ ଲୁଚେଇ ଦେଉଥିବ ଯେମିତି! ଆଉ ନିଜେ ସ୍ୱାମୀ ଯଦି ସ୍ତ୍ରୀର ରୂପକୁ ପ୍ରଶଂସା କଲା, ତେବେ ଆଉ କଣ ଦରକାର କହିଲୁ! ଜୀବନ ଓ ସେ ମୁହୂର୍ତ୍ତଟି ସାର୍ଥକ ହୋଇଯିବନି?

ତୁ ତ ମୋ ଆଗରୁ ବାହାହୋଇଛୁ। ସତେ କି କିଛି ଜାଣିନୁ ତୁ! ହେଲେ ତୋ ବାହାଘର ବେଳେ ମୁଁ ତ ତୋତେ ଦେଖିପାରିଲିନି। ତୁ ତ ଯେମିତି ଲୁଚିକି ବାହା ହୋଇଗଲୁ। ମୋର କିନ୍ତୁ ଭାରି ଇଚ୍ଛା ଥିଲା ତୋତେ ଟିକେ ବୋହୂ ବେଶରେ ଦେଖିବାକୁ। ସେ ଅନୁଭବର ପ୍ରତିକ୍ରିୟା ତୋ ମନତଳେ କିପରି ପଡିଛି ଜାଣିବାକୁ! ହେଲେ ତୁ କଣ ସେ ସୁଯୋଗ ଦେଲୁ କି? ତାପରେ କଣ କଣ ସବୁ ହେଲା ମୋତେ କିଛି ବି ଜଣେଇଲୁ ନାହିଁ। ହେଲେ ମୁଁ ତୋତେ ସବୁକଥା କହିବି। ସାଙ୍ଗ କରିଛି ପରା! କିଛି ଲୁଚେଇବିନି।

କେମିତି ମୋ ବାହାଘର ଖବର ତମକୁ ଦେଇଥାନ୍ତି ଛୁଆ ମାଲିକାଣୀ? ଆମମାନଙ୍କର ବାହାଘରରେ ସ୍ୱପ୍ନ ଗୋଟାଏ କଣ! ଶାଢୀ, ଶଂଖା ପିନ୍ଧିପକାଇ ଚାଲିଯାଆ ଅଚିହ୍ନା ମରଦ ଘରକୁ। ସେଇଠି ବଳକା ଖାଦ୍ୟ ପରି ଗୁଞ୍ଜି ହୋଇ ପଶ। ସେଇଠି ହାତଗଣ୍ଠି, ବାହାଘର ଆଉ ଯୋଡିନାଗରା। ଆଉ ଶାଢୀ, ଗହଣା କି ସୁନ୍ଦର ଅସୁନ୍ଦର କଣ? ତାର କଣ କିଛି ଗୋଟାଏ ମାନେ ଥାଏ ଆମମାନଂକ ଜୀବନରେ? ଆମ ଘରେ ଝିଅ ଜନ୍ମ ନେବା ଆତ୍ମହତ୍ୟା ସହିତ ସମାନ! ଦୁର୍ଭାଗ୍ୟକୁ ଖୁସିରେ ଗ୍ରହଣ କରିବାକୁ ବାଧ୍ୟ! ଆଜିକାଲି ଝିଅମାନେ ଦୁଃଖ ନକରି ନିଜ ଇଚ୍ଛା ମତେ ବର ବାଛି ଚାଲିଯାଉଛନ୍ତି ସଂସାର ରଚିବାକୁ!

ନହେଲେ ଝିଅ ବାହାଘରରେ ସତେଯେମିତି ଜୋର୍‌କରି ବିଦା କରାଯାଏ ଘରୁ। ଭୋଜି ଭାତ ହେବା ବି ଭାଗ୍ୟର କଥା!

*(କ୍ରମଶଃ)*

## ବିଶେଷ କବିତା



# ଫେରିଯାଅ ବନ୍ଧୁ



### ଡା. ବିଜୟ କୁମାର ପାତ୍ର


ଅନେକ ବର୍ଷ ପରେ.....
କେହି ଜଣେ ଆସିଛି,
ହିଁ! ଚିହ୍ନା ଚିହ୍ନା ଚାଲି;
ସ୍ମୃତିର ସବୁ ଚିତ୍ର
ଏବେବି ସତେଜ,
ଜାଣିଶୁଣି କିଛି
ହଜେଇବା ବୋଝରେ,
ଇତସ୍ତତଃ ପଥିକ..।
ଅତୀତର ସବୁ ନିର୍ବୋଧତା
ବୟସ ପାରିନି ଧୋଇ,
ଏଇଟାତ ନିଷିଦ୍ଧ ଅଞ୍ଚଳ,
କବି ଭାଷାରେ 'ଲୋହିତ ବସ୍ତି'!
ଏଠିକି ଆସୁଥିବା
ପ୍ରତ୍ୟେକ ଦେବତା ଆଖିରେ;
ଭରପୁର ଲୋହିତ କାମନା,
ପ୍ରେୟସୀ ଚିବୁକରେ
ଲାଲ ରଙ୍ଗର ଉନ୍ମାଦନା,
ନିଶ୍ୱାସ ଦିଆନିଆରେ
ଲୋହିତ ଉତ୍ତାପ,
ବୋହିନେଉଥିବା
ତୃପ୍ତି ଓ ସ୍ମୃତି ଖୁବ ଲାଲ,
ଏମିତିବି ଛାଡିଦେଇ ଯାଉଥିବା
କ୍ଷତମାନେ ରକ୍ତ ଜୁଡୁବୁଡୁ...।
ସମ୍ପର୍କର ମାନେ କିଛି ନାହିଁ....
ଦେହ ବିକ୍ରି ନହେଲେ
କାନ୍ଦର ବନ୍ୟା,
ତଥାପି ବି ଭୋକମାନେ ବନ୍ଦୀ,
ଡେଇଁ ପାରନ୍ତିନି...
ତୁମେ ମୋ ଭିତରେ ଥିବା
ଟିକିଏ ଦୂରତାକୁ,
ଯେମିତିକି ବେଶ୍ୟା ମଣିଷ ନୁହେଁ !
ମଣିଷମାନେ ବେଶ୍ୟା ହୁଅନ୍ତିନି!
ହଁ! ସତରେ ତୁମେ ଆସିଛ,
କାହାକୁ ଖୋଜୁଛ?
ଏଠି କିଛି ମିଳେନା;
ଅନ୍ଧାର ମିଳେନା
ଆଲୋକ ବି ନୁହେଁ,
ଏ ମାଟିରେ ବାସ୍ନା ନାହିଁ,
ଆସିବାଠୁ ଫେରିବାର
କୌଶଳ ବିଲକୁଲ ଦରକାର,
ନିର୍ବୋଧମାନେ ଏଠିକି ଆସନ୍ତିନି!
ଏ ପୂର୍ଣ୍ଣାହୁତିରେ
ପୂର୍ଣ୍ଣତା ନଥାଏ,
ଏଣେ ତେଣେ ପଚାରନା;
ହଜିଥିବା ପ୍ରାଣୀଙ୍କ ଠିକଣା,
ଶୂନ୍ୟତାକୁ ତ ତୁମେ ଭଲ ପାଅ!
ଦେଖ......
ଏ ଗଳିରୁ ଯିବାବେଳେ
କେତେ ଶୂନ୍ୟତା,
ଫେରିଯାଅ ବନ୍ଧୁ!
ହଜିଯାଅ ସେମାନଙ୍କ ଭିତରେ...।

*ଉପଖଣ୍ଡ ପ୍ରଣିଚିକିତ୍ସା ଅଧିକାରୀ ,ଢେଙ୍କାନାଳ*
*ଦୂରଭାଷ : ୭୦୦୮୬୧୭୯୧୨*

ପ୍ରକୃତିର ଅବକ୍ଷୟ ଏବଂ ପରିବେଶ ପ୍ରଦୁଷଣର ପ୍ରଭାବ କାରଣରୁ ଅନେକ ଜୀବଜନ୍ତୁଙ୍କ ବଂଶ ଧିରେଧିରେ ଲୋପ ପାଇବାରେ ଲାଗିଛି। ସେହିସବୁ ଲୁପ୍ତପ୍ରାୟ ଜୀବଙ୍କ ମଧ୍ୟରେ ଆମ ସମସ୍ତଙ୍କ ପ୍ରୀୟ ଘରଚଟିଆ ମଧ ରହିଛି। ଘରଚଟିଆ ଏକ କ୍ଷୁଦ୍ର ଶସ୍ୟ ଓ ପୋକ ଭକ୍ଷୀ ପକ୍ଷୀ। ନିଜର ଛୋଟ ଅଥଚ ଶକ୍ତ ଥଣ୍ଟରେ ସେ ଖୁବ ସହଜରେ କଠିନ ଶସ୍ୟର ଚୋପା ଛଡ଼ାଇ ଖାଇପାରେ। ବିଶେଷତଃ ଗ୍ରାମାଂଚଳରେ ଥିବା ଘରର ଚାଳ, ମାଟିକାନ୍ଥ ସନ୍ଧି, କୋଠା ଘରର କୌଣସି ଖୋପ, ବତୀଖୁଣ୍ଟରେ ଥିବା ବିଭିନ୍ନ କେବୁଲ ବକ୍ସ ଆଦି ସ୍ଥାନରେ ଘରଚଟିଆ ମାନେ ନିଜ ସଂସାର କରି ରହନ୍ତି। ଏପ୍ରିଲରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ହେଉଛି ଘରଚଟିଆଙ୍କ ପ୍ରଜନନ ଋତୁ। ମାଇ ଘରଚଟିଆ ଅଣ୍ଡା ଦେବାର ମାତ୍ର ଦଶ ଦିନ ମଧ୍ୟରେ ଅଣ୍ଡା ଫୁଟାଇ ଛୁଆ ଜନ୍ମ କରିଥାଏ। ଛୁଆ ଜନ୍ମର ଦୁଇ ସପ୍ତାହ ମଧ୍ୟରେ ଘରଚଟିଆ ଶାବକ ଉଡ଼ିବା ଆରମ୍ଭ କରିଦିଏ କ୍ଷ ଏକ ପ୍ରାପ୍ତ ବୟସ୍କ ଘରଚଟିଆର ଓଜନ ଅତି ବେଶୀରେ ୩୦ ରୁ ୩୫ ଗ୍ରାମ ଏବଂ ଏହାର ଲମ୍ବ ୧୨ ରୁ ୧୪ ସେଣ୍ଟିମିଟର ରହେ। ଆକାରରେ ଛୋଟ ହେଲେ ହେଁ ଏହି ଟିକି ପକ୍ଷୀଟି ଅତ୍ୟନ୍ତ ଚଳଚଂଚଳ ଆଉ ପରିଶ୍ରମୀ। ରାସ୍ତାଘାଟ, ବଣବୁଦାରୁ କାଠିକୁଟା ସଂଗ୍ରହ କରି ସୁନ୍ଦର ଭାବରେ ନିଜ ନୀଡ଼ ତିଆରି କରିଥାଏ। ମଣିଷର ନିକଟରେ ରହିବାକୁ ଭଲ ପାଉଥିବା ଏହି ପକ୍ଷୀର କିଚିରିମିଚିରି ସ୍ୱର ସମଗ୍ର ପରିବେଶକୁ ଆକୃଷ୍ଟ ଓ ମୁଖରିତ କରେ ଯାହା ଶୁଣିବା ଲୋକ ମନକୁ ଆନନ୍ଦ ଦେଇଥାଏ। ସାଧରଣତଃ ଘରଚଟିଆ ଧାନ, ଗହମ, ଡାଳିଦାନା, କୀଟପତଙ୍ଗ, ଜିଆ ଆଦି ଖାଇ ଜୀବନଧାରଣ କରିଥାନ୍ତି। ମାତ୍ର ଯେଉଁ ଚାଳଛପର ଘର କୋଣରେ ଏହି ପକ୍ଷୀ ବସା ବାନ୍ଧିବାକୁ ଭଲ ପାଏ ସେହି ଚାଳଛପର ଘର ଏବେ ଆଉ ଦେଖିବାକୁ ମିଳୁନାହିଁ। ଗାଁ ଠାରୁ ସହର ସବୁଠି କଂକ୍ରିଟ ଜଙ୍ଗଲ, ମାଟି ରାସ୍ତା ଆଉ ନାହିଁ, କ୍ଷେତ ମାନଙ୍କରେ ଚାଷର ପରିମାଣ କମିଯିବା, ଚାଷରେ ବ୍ୟାପକ କୀଟନାଶକର ବ୍ୟବହାର, କୋଠାଘର ନିର୍ମାଣ, ଘର ସଂଲଗ୍ନ ବଗିଚା ଲୋପ ପାଇବା, ଗାଡ଼ିମଟରର ଧୂଆଁ, ଶବ୍ଦ ପ୍ରଦୁଷଣ, ମାଳମାଳ ଟାୱାର ମଧ୍ୟରୁ ନିର୍ଗତ କ୍ଷତିକାରକ ବିକିରଣ ବର୍ତ୍ତମାନ ଏହି କୁନି ପକ୍ଷୀର ଜୀବନକୁ ବିପନ୍ନ କରିଦେଇଛି। ପ୍ରକୃତି ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣ ନିମନ୍ତେ କାର୍ଯ୍ୟ କରୁଥିବା ଇଣ୍ଟରନ୍ୟାସନାଲ ୟୁନିୟନ ଫର କନଜରଭେସନ୍ ଅଫ ନେଚର ଆଣ୍ଡ୍ ନେଚୁରାଲ ରିସୋର୍ସ (ଆଇୟୁସିଏନ୍)ର ରିପୋର୍ଟ ଅନୁସାରେ ୨୦୦୫ ମସିହା ସୁଦ୍ଧା ବିଶ୍ୱରେ ଘରଚଟିଆ ମାନଙ୍କ ସଂଖ୍ୟାର ୮୦% କମିଯାଇଛି। ନିରୀହ ପକ୍ଷୀ ଘରଚଟିଆର ସୁରକ୍ଷା ନିମନ୍ତେ ସର୍ବସାଧାରଣରେ ସଚେତନତା ସୃଷ୍ଟି କରିବାକୁ ଗତ ୨୦୧୦ ମସିହା ଠାରୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ଭାବରେ ସାରା ବିଶ୍ୱରେ ପାଳନ କରାଯାଇ ଆସୁଛି। ପ୍ରଥମେ ଆମ ଦେଶର ମହାରାଷ୍ଟ୍ର ରାଜ୍ୟ ସ୍ଥିତ ନାଶିକ୍‌ର ପକ୍ଷୀପ୍ରେମୀ ମହମ୍ମଦ ଦିଲାବର ଘରଚଟିଆ ଦିବସ ପାଳନର ପରିକଳ୍ପନା କରିଥିଲେ। ଦିଲାବରଙ୍କ ସଂସ୍ଥା ନେଚର ଫର ଏଭର ସୋସାଇଟି ଓ ଫ୍ରାନ୍ସ ର 'ଇକୋ' ସିସ୍ ଆକ୍ସନ ଫାଉଣ୍ଡେସନ ସହ ବିଶ୍ୱର ଅନେକ ପ୍ରତିଷ୍ଠିତ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଗତ ୧୨ ବର୍ଷ ହେଲା ଘରଚଟିଆ ଦିବସ ପାଳନ କରାଯାଇ ଆସୁଛି। ଏହି ଦିନ ଘର ଚଟିଆଙ୍କ ବଂଶ ରକ୍ଷା ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା, ଆଲୋଚନା ସଭା, ପ୍ରତିଯୋଗୀତା ଆଦି ଆୟୋଜନ କରାଯାଇ ଲୋକଙ୍କୁ ସଚେତନତାର ବାର୍ତ୍ତା ଦିଆଯାଏ। ଘରଚଟିଆ ଆକାରରେ ଛୋଟ ହେଲେ ମଧ୍ୟ ଏହା ପରିବେଶ ଓ ମାନବ ସମାଜ ପାଇଁ ଖୁବ ଉପକାରୀ ପକ୍ଷୀ। ହିନ୍ଦୀରେ ଘରଚଟିଆକୁ ଗୌରେଁୟା, ତାମିଲ ଓ ମାଲାୟାଲମ ରେ କୁରୁଭି, ତେଲୁଗୁରେ ପିଛୁକା, କନ୍ନଡ଼ରେ ଗୁବାଚ୍ଚୀ, ଗୁଜୁରାଟୀରେ ଚକଲୀ, ମରାଠିରେ ଚିମଣୀ, ପଞ୍ଜାବୀରେ ଚିରୀ, କାଶ୍ମୀରରେ ଚାଏରା, ବଙ୍ଗଳାରେ ଚିରାଇ ପକ୍ଷୀ ଏବଂ ସିନ୍ଧୀରେ ଏହାକୁ ଝିରକୀ ବୋଲି କୁହାଯାଏ। ଦିନ ଥିଲା ଘରଚଟିଆଙ୍କ କିଚିରିମିଚିରି ଶବ୍ଦରେ ଗାଁ, ସହର ସବୁ ଗୁଞ୍ଜରିତ ହେଉଥିଲା। ଏମାନଙ୍କ ସ୍ୱର ମଣିଷ ମନରେ ଅପାର ଆନନ୍ଦ ସୃଷ୍ଟି କରୁଥିଲା। ଏମାନଙ୍କ ବଂଶ ରକ୍ଷା ଦିଗରେ ଯଦି ପ୍ରତ୍ୟେକ ମଣିଷ ସଚେତନ ନହେବେ ତେବେ ଆହୁରି ଅଳ୍ପ ବର୍ଷ ମଧ୍ୟରେ ଏମିତି ଏକ ସୁନ୍ଦର ଓ ଉପକାରୀ ପକ୍ଷୀ ଇତିହାସ ପାଲଟିବାର ଆଶଙ୍କା ରହିଛି। ଖୁସିର କଥା ଯେ, ଗତ କିଛି ବର୍ଷ ହେଲା ଘରଚଟିଆର ସୁରକ୍ଷାକୁ ନେଇ ସାଧାରଣରେ କିଛି ସଚେତନତା ପରିଲିକ୍ଷିତ ହେବାରେ ଲାଗିଛି। ଲେକେ ନିଜ ଘରେ ଘରଚଟିଆ ର ସୁରକ୍ଷା ପାଇଁ କୃତ୍ରିମ ବାସସ୍ଥଳୀ ତିଆରି ସହ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରୁଛନ୍ତି। କିଛି ସ୍ୱେଚ୍ଛାସେବୀ ଓ ସଂସ୍ଥା ମାନେ ଏ ଦିଗରେ କାର୍ଯ୍ୟ କରିବା ଆରମ୍ଭ କରିବା ନିଶ୍ଚିତ ଶୁଭ ସଙ୍କେତ ବୋଲି କୁହାଯାଇପାରିବ। ଏହି ଟିକି ପକ୍ଷୀ ପ୍ରତି ସମସ୍ତେ ସମ୍ବେଦନଶୀଳ ହୋଇ ତା ପ୍ରତି ଯତ୍ନବାନ ହେଲେ ହିଁ ପିଲା ଦିନରେ ଆମେ ଯେଉଁ ସଂଖ୍ୟାରେ ଘରଚଟିଆ ଦେଖି ତାର କିଚିରିମିଚିରି ଶବ୍ଦରେ ଆତ୍ମହରା ହେଉଥିଲେ, ତାର କିଂଚିତ ଗୁଞ୍ଜରଣକୁ ଆମେ ଆମର ପରବର୍ତ୍ତୀ ପିଢ଼ି ପାଇଁ ସଂରକ୍ଷିତ ରଖିବାରେ ସଫଳ ହୋଇ ପାରିବା।

# ଘରହରା ଘରଚଟିଆ


### ବୈଷ୍ଣବ ମେହେର



*ଶିକ୍ଷକ, ସିନାପାଲି, ନୂଆପଡ଼ା*

# ଦେହ ଦେଉଳ

### ସ୍ମୃତି ରଞ୍ଜନ ତ୍ରିପାଠୀ



ତା'କୁ ମାଜିବୁନି କେବେ
କିଶୋରୀ ଛନ୍ଦର ତାଳେ ତାଳେ
ସରି ସରି ଯିବ ଭାବ
ସରୁଥିବ ଗୋଟିଏ ରାତିର
ଅସ୍ଥିର ତୁଳୀ
ସରି ଆସୁଥିବ କବିତା,
ମୋଗଲ ମୀନାରର
କାନଭାଷ ତଳେ ପଡୁଥିବ ପୂର୍ଣ୍ଣଛେଦ
ଆଇକୋଉ ରାଜାକାନ୍ଧରେ
ସମର୍ପିତ ହେଉଥିବ
ସମ୍ମୋହନର ପହିଲି ବାରତା
ଅମୁହାଁ ଦେଉଳରେ ଖଞ୍ଜା ସରିଥିବ
ସଂଜବତୀ
ହସୁଥିବ କଇଁ
କାହା ପ୍ରତାରଣାର ଛାଇ ଫାଙ୍କରେ।
ନିଃଶ୍ୱାସକୁ ବୋଲକରା କରିବୁନି,
ସନ୍ଧିପତ୍ରରେ ଏ ଯାଏଁ
ମୁଲଚାଲ ହେଇନି ଦେହର
ମନ ଓଢଣାରେ ଏବେ ବି କାୟାରତ
ରାତି ଆଉ ରତି
ଭାଙ୍ଗିନି ଏଯାଏଁ
ମାଟି ପଲଙ୍କର ଗାଢ଼ ନିଦ।
ଆଉ ଶଙ୍ଖୁଳେଇବୁନି ଆତିଥ୍ୟ
ଦେହ କୁ ସଜାଡି ରଖିବୁ
ଶେଷ ବିଚ୍ଛେଦର ପରିଚୟ କରି,
ହୋଇପାରେ
ନୀରିହ ନୀରବତାର
କାହାଣୀ ଆଲିଙ୍ଗନ କରିପାରେ
ଘରମୁହାଁ ଅସ୍ତିତ୍ୱକୁ,
ସେ ଦେହ ଦେଉଳକୁ।
ଖଣ୍ଡିଉଡା ଶାବକ ଏବେ
ନିଃସର୍ତ୍ତରେ ବାଢିଲେଣି
ଅଭିମାନ ର ସ୍ୱାକ୍ଷର,
ଏବେ ଖୋଜିବାକୁ ହେବ
ଦେହ ଦେଉଳର ସଂଜ୍ଞା
ନିବୁଜ, ନିଃସ୍ତେଜ
ସମୟର ଅଳନ୍ଧୁ ସାଥିରେ।
ଆ! ଫେରିଆ
ଘଡିର କାଚସ୍ତମ୍ଭ ବାହାରେ
ଏବେ ବି ବନ୍ଦ
ସେ ଦୋ ମୁହାଁ ଘଣ୍ଟା ମିନିଟର
ଟିକ୍ ଟିକ୍ ଖେଳ
ନୀରବରେ ଶଯ୍ୟା ପାରୁଥିବା ଗୋଟେ ପ୍ରହର,
ତୋ ପାଇଁ ବନ୍ଧା ଏ ଦେହ,
ଦେଉଳ ଭିତରେ ଗୁଞ୍ଜନ ଈର୍ଷାର
ଦେଉଳ ଚାରିପଟେ
ଅଭିଯୋଗର ପାର୍ଶ୍ୱ ପ୍ରତିଛବି ପ୍ରେମର
ଆ! ପୁଣି ଲୁହେଇ ଯିବା
ସମ୍ପର୍କର ଶେଷ ନଦୀ ତୀରେ
ଖାସ ତୋ ପାଇଁ ଅପେକ୍ଷାରତ
ଆଉଗୋଟେ ପ୍ରତୀକ୍ଷାର
ଦେହ ଦେଉଳ।


*ଜଟଣୀ, ଖୋର୍ଦ୍ଧା*

# କବିତାର କଥା

(ଭାଗ-୭୫)



### ଉମାକାନ୍ତ ରାଉତ



# ସମର୍ପଣର ସର୍ବୋଚ୍ଚ ସଂଭାର

ସଂପ୍ରତି ଆଧୁନିକତା , ଉତ୍ତର ଆଧୁନିକତା ,ନାରୀ ସଶକ୍ତିକରଣ ଆଦି ନାମରେ ଧ୍ୱଜା ଉଡ଼େଇ ଉଭଟ ଓ ଉଦଣ୍ଡ ପ୍ରଦର୍ଶନ କରୁଥିବା ଅଥଚ ନାରୀତ୍ୱକୁ ବୁଝି ନଥିବା ( ଅବା ବୁଝି ନ ବୁଝିବାର ଛଳନା କରୁଥିବା) ତଥାକଥିତ ଦେହସର୍ବସ୍ୱ ନରନାରୀ ମାନଙ୍କର ହଟ୍ଟଚମଟଗିରିକୁ "ଅନ୍ୟା" କବିତାର ଛତ୍ରେ ଛତ୍ରେ ଅନୁରଣିତ ଦେହାତୀତ ସମର୍ପଣର ଭାବ ଏକ ଶକ୍ତ ଚୋଟ ଭଳି ମନେ ହୁଏ। ଏହାହିଁ ସଫଳ ଓ ସମ୍ପୂର୍ଣ୍ଣ ନାରୀତ୍ୱର ଅନୁପନ୍ଥୀ ବୋଲି କବି ମାଧୁରୀଙ୍କର ଦୃଢୋକ୍ତି।

"ତୁମ ଘର କାନ୍ଥରେ
ଟଙ୍ଗା ହୋଇଥିବା
ଚିତ୍ର ପ୍ରତିମାକୁ
ମୋ' ନାରୀତ୍ୱର ଉପହାସ
ତାଜୁବ୍ ଲାଗେ
ସାରା ଜୀବନ ପାଖରେ ଥାଇ
କେହି ତିଳେ ବି ପାଇ ଜାଣେନି
ଅଥଚ, କେହିଜଣେ କିଛି ବି ନ ପାଇ
ପୂର୍ଣ୍ଣତମା ପାଲଟୁଥାଏ"

ମୁଁ ଉଇ ହୁଙ୍କାରୁ ଉଚ୍ଛୁଳି ଉଠୁଥିବା ପୂର୍ଣ୍ଣଶ୍ଳୋକ , ମୁଁ ଯୋଗୀ କେନ୍ଦେରାର କାରୁଣ୍ୟ ରାଗ , ତୋ ଆକାଶର କୋଉ କୋଣରେ ଜାହିର୍ ହେଉଥିବା ମୁଁ ମଉଳା ନକ୍ଷତ୍ର ,ତୁ ପାହାନ୍ତି ପ୍ରହରରେ ମୋ' ଆଖିର ଛାଇ ଛାଇ ନିଦ। ଆହାଃ...... ଏମିତି ସବୁ ଶବ୍ଦ ବସାଣ ମାଧୁରୀଙ୍କ ଛଡ଼ା ଆଉ କିଏ ବା କରିପାରେ ?

ଯେଉଁଠି ଶବ୍ଦ ନିଅଣ୍ଟ ପଡ଼େ ସେଇ ଗୀତର ଶେଷଧାଡି ସାଜିଯାଆନ୍ତି କବି ମାଧୁରୀ । ସେଥିପାଇଁ ତାଙ୍କର ପ୍ରିୟ ପାଠକମାନେ କେବେ ନିର୍ବାକ୍ ,ନିଥର ତ କେବେ ଅସ୍ଥିର ! ସେଥିପାଇଁ ତ ସେ ଆରମ୍ଭ କାଳରୁ ଶୁଣି ଆସନ୍ତି ସୁର,ତାଳ,ଲୟ ନଥିବା ଗୋଟେ ଅମୋଘ ଗୀତ ଯାହା ତାଙ୍କ ଧମନୀକୁ ସର୍ବଦା କରୁଥାଏ ଚଳଚଞ୍ଚଳ। ଜଣାଇ ଦେଉଥାଏ ସ୍ନାୟୁର ସହରରେ ପରାଜିତ ସୈନିକମାନଙ୍କର କଥା ।ପ୍ରତିଟି ଲୁହ ବୁନ୍ଦାର ପ୍ରତିବିମ୍ବରେ ପ୍ରତିଫଳିତ କରାଉଥାଏ ଗୋଟେ ନାଚୁଥିବା ଅବୟବକୁ.....ଠଣ ଠଣ ଶୁଖିଲା ପତ୍ର ଗହଣରୁ ନୀରବତାର ପାଦଧ୍ୱନି ନେଇ ଆସୁଥିବା ଏକ ଅବ୍ୟକ୍ତ ଅନୁଭବକୁ। ତାହାହିଁ ତାଙ୍କର ପ୍ରେମ।

ପ୍ରେମ ତ ପ୍ରେମ। ଦେଣ ନେଣ କିଛି ଥାଏ କି ପ୍ରେମରେ ?

ସୁତରାଂ ପ୍ରେମରେ ମିଳନ ଆଉ ବିଚ୍ଛେଦର ପ୍ରଶ୍ନ କାହୁଁ ଆସିବ ? ପ୍ରେମ ତ ଏକ ଚିରନ୍ତନତା , ଏକ ନାତିଶୀତୋଷ୍ଣ ନିବିଡ଼ପଣର ଅପାର୍ଥିବ ଅନୁଭବ। ଦେହସର୍ବସ୍ୱତାର ଊର୍ଦ୍ଧ୍ୱରେ ତାହା ସମର୍ପଣର ସର୍ବୋଚ୍ଚ ସଂଭାର। ସେଥିପାଇଁ ତ କବି ମାଧୁରୀ ଗୋଟେ ନିରୀହା ପକ୍ଷୀ ଯିଏ ଅଗ୍ନାଅଗ୍ନି ବନସ୍ତରେ ବାଟ ହୁଡନ୍ତି ଆଉ ବୟସକୁ ଡେରି ଦିଅନ୍ତି ଥୁଣ୍ଟା ଗଛର ଅବୟବରେ। କାରଣ ସିଏ ଭଲକରି ଜାଣନ୍ତି - ସୁନୀଳ ଆକାଶ ହିଁ ତାଙ୍କର ସବୁକିଛି। ୟା ଠୁଁ ବଳି ପ୍ରେମାନୁଭୂତିର ମହାର୍ଘ କଥା ଆଉ କ'ଣ ଥାଇପାରେ... ?

*(କ୍ରମଶଃ)*

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ଦୀର୍ଘଶ୍ୱାସ


### ଡ.ମନୋରଞ୍ଜନ ବିଷୋୟୀ



ବଞ୍ଚିବା ଏକ
ଅସୁମାରୀ ଯାତ୍ରାର
ଆରମ୍ଭ ଓ ଶେଷ ।
ତଥାପି ଦୁଃଖରେ ଦୁଃଖରେ
ଆପଣେଇବାକୁ ହୁଏ
ଅଭିଶାପ ଆଉ ଆଶୀର୍ବାଦ ।
ବଞ୍ଚିବା ଭିତରେ
ଅନେପ ପରାଜୟର
ଗ୍ଲାନିକୁ କାନ୍ଧେଇ
ନିର୍ଲ୍ଲଜ ଭାବରେ
ଅଭିନନ୍ଦନର ବୋଝ
ବୋହିବାକୁ ହୁଏ ।
ଆଉ ଅତି ଅନ୍ତରଙ୍ଗ
ମୁହୂର୍ତ୍ତର ଛବିମାନ
ବିବଶ କରନ୍ତି ବିବେକକୁ
କିନ୍ତୁ ମନବୋଧ କରି
ଦୀର୍ଘଶ୍ୱାସ ଛାଡ଼ିବାକୁ ହୁଏ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭଞ୍ଜବିହାର*
*ଦୂରଭାଷ: ୮୮୯୫୧୪୧୭୨୭*

# ୭୫ ବର୍ଷର ଭାରତ



ଲଗ୍ନଜୀତ ମଲ୍ଲିକ

ସମୟ ଓ ବ୍ୟକ୍ତି ସର୍ବଦା ପରିବର୍ତ୍ତନଶୀଳ ସମୟକୁ ବ୍ୟକ୍ତିର ନିର୍ଦ୍ଧାରକ ଭାବରେ ବିବେଚନା କରାଯାଏ ଓ ଯାହା ବ୍ୟକ୍ତିର ମାନଦଣ୍ଡକୁ ନିର୍ଦ୍ଧାରଣ କରିଥାଏ। କହିବାର ତାତ୍ପର୍ଯ୍ୟ ସମୟର ପରିବର୍ତନ ଅନେକଙ୍କ ପାଇଁ ଭିର୍ଣ୍ଣ ସୁଯୋଗ ସୃଷ୍ଟି କରୁଥିବାବେଳେ ଅନ୍ୟକାହା ପାଇଁ ବିପର୍ଯ୍ୟର କାରଣ ପାଲଟିଥାଏ, କାହାପାଇଁ ବିକାଶର ଧେୟ ହୋଇଥିବେଳେ କାହାପାଇଁ ବିନାଶର ମାଧ୍ୟମ ହୋଇଥାଏ। ୩୦୦୦ ଖ୍ରୀଷ୍ଟ ପୂର୍ବ ଆରମ୍ଭ କରି ୧୦ମ ଶତାବ୍ଦୀର ଭାରତ ନିଜ ସମୃଦ୍ଧି ପାଇଁ ସମଗ୍ର ବିଶ୍ୱ ଜନମାନସରେ ଏକ ସ୍ୱତନ୍ତ୍ର ପରିଚୟରେ ପରିଚିତ ଥିଲା। ୧୦ମ ଶତାବ୍ଦୀର ଭାରତର ଅର୍ଥନୀତିକୁ ଏକ ଶକ୍ତିଶାଳୀ। ସୁଦୃଢ ଅର୍ଥନୀତି ଭାବରେ ପରିଗଣିତ କରାଯାଉଥିଲା। ଯାହାର ଆଖ୍ୟା ଥିଲା ଗୋଲଡେନ୍ ସ୍ପାରୋ (ସୁନାର ପକ୍ଷୀ)। ସୁନାର ପକ୍ଷୀକୁ ଶିକାର ପାଇଁ ଅନେକ



ଶିକାରୀଙ୍କ ଭିର୍ଣ୍ଣଭିର୍ଣ୍ଣ ଷଡଯନ୍ତ ରଚନା ଓ କୁଟିଳତା କାରଣରୁ ପକ୍ଷୀଟି ପିଞ୍ଜରାରେ ଆବଦ୍ଧ ହେଲା। ସୁଲତାନ, ମୋଗଲ, ଇଂରାଜୀ ୧୨୦୬ - ୧୯୪୭ ମଧ୍ୟରେ ଭିର୍ଣ୍ଣ ସମୟ ଅନ୍ତରାଳ ଭାରତୀୟ ଅର୍ଥନୀତି, ସଭ୍ୟତା, ସଂସ୍କୃତି, ଭାଷା, ସାହିତ୍ୟକୁ ଯଥେଷ୍ଟ କ୍ଷତି ପହଞ୍ଚାଇବାର ପ୍ରଚେଷ୍ଟା ଏବଂ ଭାରତୀୟତାକୁ ସମ୍ପୂର୍ଣ୍ଣ ବିନାଶ କରିବାର ଇଚ୍ଛାଶକ୍ତି କାହିଁକି। କେଉଁ ପରିପେକ୍ଷରେ ଥିଲା ତାହା ଆଜି ମଧ୍ୟ ମନରେ ସ୍ୱତଃ ପ୍ରଶ୍ନ ସୃଷ୍ଟି କରେ। ୧୯୪୭ ଅଗଷ୍ଟ ୧୫ ଦୀର୍ଘ ୭୪୦ ବର୍ଷ ଧରି ଶୋଷିତ ହୋଇଆସୁଥିବା ଭାରତକୁ ମିଳିଲା ସ୍ୱତନ୍ତ୍ରତା ନୀଳ ଆକାଶ ବୁକୁକୁ ଚିରି ଫରଫର ଶବ୍ଦକରି ଉଡିଲା ତୀରଙ୍ଗା। ସମଗ୍ର ଭାରତ 'ଆମରି ଢ଼ଙ୍ଗାରେ ଆମେ ନାଉରି' ପଦ୍ୟରେ ଗୁଞ୍ଜରିତ ହୋଇଉଠିଲା। କିନ୍ତୁ ବିଡମ୍ବନାର ବିଷୟ ଦେଶ ସ୍ୱତନ୍ତ୍ର ହେବ ସତ୍ୱ ଭାରତ ଏକ ଶୋଷିତ, ନିଷ୍ପେସିତ, ଭୋକିଲା, ଦରିଦ୍ର ଓ ଅର୍ଥଅଭାବୀ ଦେଶ ଭାବେ ସମଗ୍ର ବିଶ୍ୱରେ ପରିଚିତ ହେବାକୁ ଲାଗିଲା। ଦିନଥିଲା ଗୋଲଡେନ୍ ସ୍ପାରୋ ଭାବାବେ ବିବେଚିତ ହେଉଥିବା ଭାରତ ଏଭଳି ଏକ ଦୟନୀୟ ସ୍ଥିତୀରେ ପହଁଞ୍ଚିବ ପରିକଳ୍ପନାର ବାହାରେ ଥିଲା। ସ୍ୱତନ୍ତ୍ରତାର ୭୫ ବର୍ଷରେ ଏକ ନିଷ୍ପେସିତ ଦେଶ କିପରି ନିଜର ଅଜସ୍ର ପ୍ରଚେଷ୍ଟା ଏବଂ ସକାରାତ୍ମକ ମନୋଭାବ କାରଣରୁ ପୁନଃ ବିଶ୍ୱରେ ନିଜର ଅସ୍ତିତ୍ୱ ପରିମାର୍ଜିତ କରିବାରେ ସଫଳ ହୋଇପାରିଲା? କିପରି ଭାରତ ୭୫ ବର୍ଷ ମଧ୍ୟରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରକୁ ଅତି ସକ୍ଷମ କରିପାରିଲା?

ଶିକ୍ଷା ଓ ଅର୍ଥନୀତି ଦେଶର ମେରୁଦଣ୍ଡ ଯାହାର ବ୍ୟତୀରଖେ କୌଣସି ଦେଶ ଠିଆହେବ ଅସମ୍ଭବ ଦେଶର ସାମୋହିକ ବିକାଶ ପାଇଁ ଶିକ୍ଷା ସହ ଅର୍ଥ ନିତ୍ୟନ୍ତ ଆବଶ୍ୟକ ଓ ୧୯୪୭ ନୂତନ ଭାରତ ସ୍ୱପ୍ନକୁ ସାକାର କରିବାପାଇଁ ମୁଖ୍ୟ ପ୍ରତିବାଧକ ସାଜିଥିଲା ଅର୍ଥ ଓ ଶିକ୍ଷା। ଭାରତର ସ୍ୱାକ୍ଷର ହାର ମାତ୍ର ୧୨% ଥିବାବେଳେ ପୁରୁଷ ସ୍ୱାକ୍ଷର ହାର ୮୪% ଓ ମହିଳା ସ୍ୱାକ୍ଷର ହାର ୭୦% ଥିଲା ଓ ୩୪୦ ମିଲିୟନ୍ ଜନସଂଖ୍ୟ ମାତ୍ର ୧୨% ଶିକ୍ଷିତ ଏବଂ ୮୮% ଅଶିକ୍ଷିତଙ୍କୁ ନେଇ ନବ ଭାରତର ପରିକଳ୍ପନା ସତେ ଯେପରି ଦିବସ୍ୱପ୍ନ ପରି ଅନୁଭୁତ ହେଉଥିଲା। କିନ୍ତୁ ଆଜି ୭୫ ବର୍ଷୀୟ ଭାରତ ଶିକ୍ଷା କ୍ଷେତ୍ରରେ ଅନେକ ପରିବର୍ତନ ଆଣିବାରେ ସକ୍ଷମ ହୋଇପାରିଛି। ୭୨.୯% ଭାରତୀୟ ଆଜି ଶିକ୍ଷିତ ତନ୍ମଧ୍ୟରୁ ୮୦.୯୫% ପୁରୁଷ ସ୍ୱାକ୍ଷର ହାର ଥିବାବେଳେ ୬୯.୬୪% ମହିଳା ସ୍ୱାକ୍ଷର ହାର ଅଟେ (୨୦୧୧ ମୁତାବକ)। ଶିକ୍ଷାନୁଷ୍ଠାନର ପାଞ୍ଚ ଗୁଣ ବୃଦ୍ଧି ଘଟିଥିବାବେଳେ ଛାତ୍ର ସଂଖ୍ୟାରେ ଦଶ ଗୁଣା ବୃଦ୍ଧି ହୋଇଛି। ପ୍ରାଥମିକ ଶିକ୍ଷା ଯାହାକି କୌଣସି ଭାରତୀୟର ମୌଳିକ ଅଧିକାର (୬-୧୪ ବର୍ଷ) ୧୯୫୦-୫୧ରେ ସମଗ୍ର ଦେଶରେ ୨.୨୩ ଲକ୍ଷ ପ୍ରାଥମିକ ଶିକ୍ଷାନୁଷ୍ଠାନ ଥିବାବେଳେ ଏହା ୨୦୧୫-୧୬ରେ ୧୨.୭ ଲକ୍ଷକୁ ସ୍ପର୍ଶ କରିଛି ଯାହା ଯଥେଷ୍ଟ ପ୍ରମାଣ ଦିଏ ଭାରତ ନିଜର ତୃଣମୂଳ ସ୍ତରୀୟ ଶିକ୍ଷାର ଅଗ୍ରଗତିପାଇଁ ଅନବରତ ଭାବେ କାର୍ଯ୍ୟ କରିଆସୁଛି। ୨୦୦୧ରେ 'ସଭିଏ ପଢନ୍ତୁ, ସଭିଏ ଶିଖନ୍ତୁ' ଆଭିମୁଖ୍ୟ ନେଇ ଆଗେଇ ଆସିଥିବା ସର୍ବଶିକ୍ଷା ଅଭିଯାନ ପ୍ରାଥମିକ ଶିକ୍ଷାକୁ ଜାତି, ଧର୍ମ , ବର୍ଣ୍ଣ , ଲିଙ୍ଗଠାରୁ ଉର୍ଦ୍ଧରେ ରହି ଶିକ୍ଷାକୁ ସର୍ବହିତେସି କରିବାର ପ୍ରୟାସ ଆଜି ଭାରତର ପ୍ରତିଟି ଅଙ୍ଗରେ ପ୍ରତିଫଳି ହେଉଛି। ଶିକ୍ଷାର ମୁଖ୍ୟ ସୋତ୍ରରେ ସଭିଙ୍କୁ ସାମିଲ କରିବା ସହ ନୈତିକ ଓ ଭୌତିକ ଶିକ୍ଷାର ବିକାଶ ସର୍ବସିକ୍ଷା ଅଭିଯାନ ମୁଖ୍ୟ ଉଦେଶ୍ୟ ଥିଲା। ଏହା କହିଲେ ଅତିଉକ୍ତି ହେବନାହିଁ ସର୍ବଶିକ୍ଷା ଅଭିଯାନ ଦେଶର ଶିକ୍ଷାବ୍ୟବସ୍ତାରେ ଅନେକ କ୍ରାନ୍ତି ଆଣିଦେଇଛି। ୧୯୫୦-୫୧ରେ ଭାରତରେ ୭.୫ ହଜାର ମାଧ୍ୟମିକ ଶିକ୍ଷାନୁଷ୍ଠାନ ଥିବାବେଳେ ଆଜି ଏହାର ସଂଖ୍ୟ ୨୫ ଲକ୍ଷରେ ପହଁଚିଛି ଓ ସହିପରି ଉଚ୍ଚ ଶିକ୍ଷାର ବିକାଶ ପାଇଁ ୭୯୯ ବିଶ୍ୱବିଦ୍ୟାଳୟ, ୪୪ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ୩୯୦୭୧ ଟି ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରତିବର୍ଷ ୩୪୬ ଲକ୍ଷ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ଅର୍ଜନ କରୁଛନ୍ତି। ବିଶ୍ୱର ଇଞ୍ଜିନିୟର ଓ ଡାକ୍ତରଙ୍କ ଆବଶ୍ୟକତାକୁ ଆଜି ଭାରତ ପରିପୂର୍ଣ କରୁଛି ପ୍ରତିବର୍ଷ ଭାରତ ୪୦ ଲକ୍ଷରୁ ଅଧିକ ଇଞ୍ଜିନିୟର ଓ ୫୦ ହଜାରରୁ ଅଧିକ ଡାକ୍ତର ଉତ୍ପର୍ଣ୍ଣ କରୁଛି। ଭାରତ କେବଳ ନିଜକୁ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ, ଇଞ୍ଜିନିୟର ଓ ଡାକ୍ତର ମଧ୍ୟରେ ସୀମିତ ନରଖି ଅନ୍ୟ ଦିଗକୁ ମଧ୍ୟ ସମ ଦୃଷ୍ଟିପାତ କରୁଛି। କୃଷି, ବିଜ୍ଞାନ, ମହାକାଶ, ଆଇ. ଟି ଆଦିରେ ଭାରତ ଆତ୍ମନିର୍ଭରଶୀଳତା ଆଡକୁ ଆଡକୁ ଅଗ୍ରସର ହେଉଛି। ନିକଟ ଅତୀତର କେତେକ ଘଟଣାବାଳିକୁ ଅବଲୋକନ କଲେ ଭାରତର ଆତ୍ମନିର୍ଭରଶୀଳ ସ୍ୱପ୍ନ ପରିପୂର୍ଣ ହେଉଥିବାର ପ୍ରତିତ ହେଉଅଛି।

୧୯୪୭ର ସ୍ୱତନ୍ତ୍ର ଭାରତର ଅର୍ଥନୀତି ଏକ କୃଷିଭିତିକ ଅର୍ଥନୀତି ଭାବେ ପରିମାର୍ଜିତ ହେଉଥିଲା ଓ ଜି.ଡି.ପିର ୫୦% କେବଳ କୃଷି ଏବଂ କୃଷିଭିତିକ ଦ୍ରବ୍ୟ ଉପରେ ଆଧାରିତ ଥିଲା। ସେଥିପାଇଁ ଭାରତକୁ ଏକ କୃଷିଭିତିକ ରାଷ୍ଟ୍ର ଭାବେ ବିବେଚନା କରାଯାଏ ଯାହାର ଅର୍ଥନୀତିର ଏକ ବିରାଟ ଅଙ୍ଗ କୃଷି ଓ ଫଳ, ପନିପରିବା, ବନସ୍ପତି ତୈଳ, ଚା, ତମ୍ବାଖୁ ଆଦିର ରପ୍ତାନି ଭାରତର ଅର୍ଥନୀତକୁ ବୃଦ୍ଧିରେ ସହଯୋଗ ଦେଉଥିଲେ। ସେହିସମୟରେ ପଶ୍ଚିମ ଦେଶ ମାନଙ୍କ ଅର୍ଥନୀତି ଶିଳ୍ପ ଉପରେ ଆଧାରିତ ଥିବାସହ ଶିଳ୍ପାୟନ ଉକ୍ତ ଦେଶ ମାନଙ୍କୁ ବିକଶିତ ରାଷ୍ଟ୍ର ପରିଣତ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ପାଇଁ କୃଷି ସହ ଶିଳ୍ପର ଆବଶ୍ୟକତାକୁ ତତ୍କାଳୀନ ସରକାର ହୃଦୟଗମ କରିପାରିଥିଲା। ବିଦେଶୀ ରାଷ୍ଟ୍ର ମାନଙ୍କର ସହଯୋଗରେ ଭାରତରେ ଅନେକ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ସକ୍ଷମ ହେବା ସହ ଅର୍ଥନୀତିକୁ ଶିଳ୍ପ ସହ ସଂଯୋଗ କରିବାର ଆଂଶିକ ସଫଳତା ମିଳିଲା। ମାତ୍ର ଭାରତର ଅର୍ଥନୀତି ସେତେବେଳେ ପ୍ରଭାବଶାଳୀ ମାର୍ଗରେ ଅର୍ଗସର ହେଲା ଯେତେବେଳେ ସେବା କ୍ଷେତ୍ରକୁ (ସର୍ଭିସ) ଅଗ୍ରଣୀ ଗୁରୁତ୍ୱ ଦିଆଗଲା ଓ ସେବା କ୍ଷେତ୍ରର ବିକାଶ କେବଳ ଅର୍ଥନୈତିକ ଅଭିବୃଦ୍ଧି ଘଟାଇଲାନାହିଁ ମାତ୍ର ଏହା ବ୍ୟବସାୟର ଏକ ସ୍ତମ୍ଭ ଭାବେ ବିଦ୍ୟମାନ ହେଲା ଓ ଯାହାକି ଭାରତ ପାଇଁ ଏକ ନୂତନ ସୁଯୋଗ ସୃଷ୍ଟି କଲା ନିଜକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ପ୍ରତିନିଧିତ୍ୱ କରିବାର, ଭାରତ ଏହି ସୁଯୋଗକୁ ସଠିକ୍ ଉପଯୋଗ କରି ନିଜକୁ ଅନ୍ତରାଷ୍ଟ୍ରୀୟ ସ୍ତରରେ ପ୍ରତିବାଦୀଓ କଲା। ଭାରତକୁ ଦୁଇ ଥର ୧୯୯୧ ଓ ୨୦୦୮ରେ ଆର୍ଥିକ ସଙ୍କଟ ଦେଇ ଗତି କରିବାକୁ ପଡିଥିଲା। ୧୯୯୧ ଆର୍ଥିକ ସଙ୍କଟର କାରଣ ଥିଲା ଦେୟ ସଙ୍କଟ ଯାହାଦ୍ୱାରା ଆର୍ଥିକ ଅନଟନ ଭଳି ସମସ୍ୟା ଦେଖାଦେଇଥିଲା। ପରିସ୍ଥିତିର ଜଟିଳତାକୁ ଏଥିରୁ ଅନୁଧାନ କରାଯାଇପାରେ ଭାରତ ପାଖରେ ମାତ୍ର ୩ ସପ୍ତାହ ପାଇଁ ବୈଦେଶିକ ମୁଦ୍ରା ଥିଲା। ୨୦୦୮ ଆର୍ଥିକ ସଙ୍କଟ ଏକ ଅନ୍ତରାଷ୍ଟ୍ରୀୟ ବିଷୟ ରୂପେ ଉଭା ହୋଇଥିଲା ଯାହାଦ୍ୱାରା ଅନେକ ଦେଶ ସହ ଭାରତର ଅର୍ଥନୀତି ମଧ୍ୟ ନିମ୍ନଗାମୀ ହୋଇଥିଲା। ୧୯୪୭ ଠାରୁ ୨୦୨୨ ପର୍ଯ୍ୟନ୍ତ ଭାରତ ଅର୍ଥନୀତିକୁ ୧୯୯୧ ଓ ୨୦୧୪ରେ ଦୁଇଥର ବୁଷ୍ଟଅପ୍ ମିଳିଛି ୧୯୯୧ରେ ଅର୍ଥନୀତିର ଉଦାରୀକରଣ, ଜଗତୀକରଣ, ଘରୋଇକରଣ ମାଧ୍ୟମରେ ଅର୍ଥନୀତିକୁ ସଙ୍କଟରୁ ଆଲୋକ ଆଡକୁ ଅଗ୍ରସର କରାଗଲା। ଯେଉଁ ଆଲୋକ ଝଲକାଇ ଦେଇଥିଲା ଭାରତୀୟ ଅର୍ଥନୀତିକୁ ମାତ୍ର ଏହି ଆଲୋକର ରଶ୍ମିକୁ କଳାବଦଳ ଘେରିଯିବାରୁ ଆଲୋକର ଔଜ୍ୱଲ୍ୟତା ହ୍ରାସ ଘଟିଲା। ଭାରତବାସୀ ଏସବୁକୁ ଅତିନିକଟରୁ ତର୍ଜମା କରିବାସହ ଏକ ପରିବର୍ତନର ପରିକଳ୍ପନା କରୁଥୁଲେ। 'ଆଛେ ଦିନ୍' ସ୍ୱପ୍ନରେ ବିହୋଳିତହୋଇ ସେମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଆଗାମୀ ଅଙ୍ଗୁଆଳ ଭାବେ ଚୟନ କରିଥିଲେ। ପୁନଃ ଭାରତୀୟ ଅର୍ଥନୀତିରେ ଅନେକ କ୍ରାନ୍ତି ଦେଖିବାକୁ ମିଳିଲା ୨୦୧୪-୧୯ ମଧ୍ୟରେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋପାରିଲା ମାତ୍ର କୋଭିଡି-୧୯ର ସଂକ୍ରମଣ ସମଗ୍ର ବିଶ୍ୱର ଆର୍ଥିକ ଅବସ୍ଥାକୁ ପିପର୍ଜୟ ଆଡକୁ ଟାଣିନେଲା ଯାହାର ପ୍ରଭାବ ଭାରତ ଉପରେ ମଧ୍ୟ ଗଭୀର ଆକାରରେ ପଡିଥିଲା। ୨୦୦୨ ଭାରତର ଅର୍ଥନୀତି ୫୦୦ ବିଲିୟନ୍ ୟୁ.ଏସ୍.ଏ ଡଲାର ହୋଇଥିବାବେଳେ, ୨୦୦୭ ଏହା ୧ ଟ୍ରିଲିୟନ୍ ୟୁ.ଏସ୍.ଏ ଡଲାର, ୨୦୧୫ ଏହା ୨ ଟ୍ରିଲିୟନ୍ ୟୁ.ଏସ୍.ଏ ଡଲାର, ୨୦୨୨ ଏହା ୩ ଟ୍ରିଲିୟନ୍ ୟୁ.ଏସ୍.ଏ ଡଲାର ହେବାସହ ଭାରତ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ହୋଇପାରିଛି। ଆଜି ୟୁ.କେ, ଫ୍ରାନ୍ସ , ଇଟାଲୀ, କାନାଡ଼ା,ଓ ଅଷ୍ଟ୍ରେଲିଆ ଭଳି ବିକଶିତ ରାଷ୍ଟ୍ରର ଅର୍ଥନୀତି ମଧ୍ୟ ଭାରତ ଠାରୁ ବହୁତ ପଛରେ। ୨୦୧୯-୨୦ରେ ଭାରତର ଜି.ଡି.ପି ଅଭିବୃଦ୍ଧି ହାର ୫% ଥିବାବେଳେ, ୨୦୨୦-୨୧ ଏହା ୧.୯% ଏବଂ ୨୦୨୧-୨୨ ଏହା ୭.୩% ଅଛି। କୃଷି ୧୫.୪%, ଶିଳ୍ପ ୨୩.୧ % ଓ ସେବା ୬୧.୫% ଜି.ଡି.ପିରେ ଭାଗିଦାର ଅଟନ୍ତି। ଏସବୁ ସତ୍ୱ ଭାରତ ଆଜିବି ଗରିବ, ଅଭାବ, ଅନଟନ ଭଳି ଜଟିଳ ଏବଂ ସଂବେଦନଶୀଳ ଅବସ୍ଥାଦେଇ ଗତିକରୁଛି। ଦେଶ ସ୍ୱାଧୀନ ହେବାସମୟରେ ଦରିଦ୍ରତା ହାର ୮୦% ଥିବାବେଳେ ଆଜି ମାତ୍ର ୬% ଭାରତୀୟ ଦରିଦ୍ର ସୀମାରେଖା ତଳେ ଅଛନ୍ତି। ମିଳିତ ଜାତିସଙ୍ଘ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ରିପୋର୍ଟ ମୁଦବାକ ୧୦ ବର୍ଷ ମଧ୍ୟରେ ୨୭୦ ମିଲିଅନ୍ ଭାରତୀୟ ଦାରିଦ୍ର ସୀମାଠାରୁ ଉପରକୁ ଆସିଛନ୍ତି। ବ୍ରୁକିଙ୍ଗ ବ୍ଲକ୍ ରିପୋର୍ଟ ଅନୁସାରେ ପ୍ରତି ୧ ନିମିଟରେ ୪୪ ଜଣ ଭାରତୀୟ ଦାରିଦ୍ର ସୀମାଠାରୁ ଉପରକୁ ଆସୁଛନ୍ତି ଏହା ଭାରତ ପାଇଁ ଏକ ସକାରାତ୍ମକ ବାତାବରଣ ସୃଷ୍ଟିରେ ସହାୟ ହୋଇପାରିଛି। ଯେଉଁ ଦେଶ ଦିନେ ବୈଦେଶିକ ମୁଦ୍ର କୋଷ ପାଇଁ ସଂଘର୍ଷ କରୁଥିଲା ମାତ୍ର ୩ ସପ୍ତାହ ମଧ୍ୟରେ ଯାହାର ମୁଦ୍ର କୋଷ ଶୂନ୍ୟ ହେବାର ଶଙ୍କା ଥିଲା ଆଜି ସେହି ଦେଶ ୬୦୦ ବିଲିୟନ୍ ୟୁ.ଏସ୍.ଏ ଡଲାର ବୈଦେଶିକ ମୁଦ୍ରର ଅଧିକାରୀ, ବୈଦେଶିକ ମୁଦ୍ର କୋଷ ହାର ମୁତାବକ ଭାରତ ବିଶ୍ୱର ୪ର୍ଥ ବୃହତ କୋଷର ଅଧିକାରୀ ଓ ଭାରତର ବାଣିଜ୍ୟ ନିଅଣ୍ଟ ପ୍ରତିବର୍ଷ କ୍ରମଶଃ ହ୍ରାସ ଘଟିବାରେ ଲାଗିଛି ଅର୍ଥାତ ଭାରତ ଆମଦାନୀ ଅପେକ୍ଷା ଅଧିକ ରପ୍ତାନି କରିବାର ପ୍ରୟାସ କରୁଛି। ଆଜି ଭାରତ ନିଜ ଆବଶ୍ୟକତାକୁ ନିଜେ ପରିପୂର୍ଣ କରିବାର ଅଭିନବ ପ୍ରଚେଷ୍ଟା ଜାରିରଖିଛି। ୭୫ ବର୍ଷୀୟ ଅର୍ଥନୀତିରେ ଅନେକ ପରିବର୍ତ୍ତନ ଦେଖାଦେବା କାରଣରୁ ଆଜି ଅନ୍ତରାଷ୍ଟ୍ରୀୟ ସ୍ତରରେ ଭାରତ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିରେ ସକ୍ଷମ ହୋଇପାରିଛି।

ପୁରାତନ ସମୟରୁ ଭାରତରେ ବିଜ୍ଞାନ ଜ୍ଞାନ-କୌଶଳର ଅଭାବ ଅଥିଲା ହରପାପା ଓ ମହେଞ୍ଜୋଦାରୋ, ବୈଦିବ ଯୁଗ, ପରବର୍ତୀ ବୈଦିକ ଯୁଗ ପ୍ରତି ସମୟରେ ଭାରତୀୟ ମାନେ ନିଜ ଜ୍ଞାନ-କୌଶଳର ଯଥେଷ୍ଟ ପ୍ରମାଣ ଦେଇଆସିଛନ୍ତି। କେବଳ ପଶ୍ଚିମ ଦେଶ ସମୂହ ବିଜ୍ଞାନ ଓ ବୈଜ୍ଞାନିକଙ୍କ ଗନ୍ତାଘର କହିବାଟା ଭୁଲ ହେବ ଆଜି ଭାରତ ଜ୍ଞାନ-କୌଶଳ କ୍ଷେତ୍ରରେ ଅନେକ ବିକଶିତ ପଶ୍ଚିମ ଦେଶ ଠାରୁ ଡେରେ ଆଗରେ। କୋରୋନା ମହାମାରୀ ସମୟରେ ହେଉକି ଅନ୍ୟ ସାଧାରଣ ସମୟ ହେଉ ଭାରତର ଜେନିରିକ୍ ଔଷଧ ଅନ୍ୟ ଦେଶ ପାଇଁ ସତେ ଯେପରି ସଂଜୀବନୀ ଅଟେ। ବିଶ୍ୱର ସର୍ବାଧିକ ଜେନିରିକ୍ ଔଷଧ ରପ୍ତାନି କରୁଥିବା ଭାରତ ଆଜି ବିଶ୍ୱକୁ ବ୍ୟାଧି ମୁକ୍ତ ବରାଇବା ଉଦେଶ୍ୟରେ ଶସ୍ତା ଓ ଉପଯୋଗୀ ଔଷଧ ଅନେକ ଦେଶକୁ ଯୋଗାଇଆସୁଛି। ମହାକାଶ କ୍ଷେତ୍ରରେ ଭାରତ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରୁଛି ପ୍ରଥମ ପ୍ରଚେଷ୍ଟାରେ ମଙ୍ଗଳ ଯାତ୍ରାର ସଫଳତା , ଏକାସାଙ୍ଗରେ ୧୦୪ କୃତିମ ଉପଗ୍ରହ ମହାକାଶକୁ ନେବାର ବିଶ୍ୱ ରେକର୍ଡ, ଚନ୍ଦ୍ର ପୃଷ୍ଠରେ ଜଳରେ ସନ୍ଧାନ ଆଦି ସାମିଲ ଅଟେ। ଯେଉଁ ଦେଶକୁ ଦିନେ ଅନ୍ୟମାନେ ସାଟେଲାଇଟ୍ ଲଞ୍ଚ ଭେଇକିଲ୍‌ର କୌଶଳ ପ୍ରଦାନ ପାଇଁ ଅନାଗ୍ରହୀ ଥିଲେ ସେମାନେ ଆଜି ଭାରତର ସାଟେଲାଇଟ୍ ଲଞ୍ଚ ଭେଇକିଲ୍ ଦ୍ୱାରା ଅତି କମ୍ ଖର୍ଚ୍ଚରେ ନିଜର ସାଟେଲାଇଟ୍‌କୁ ମହାକାଶକୁ ପଠାଉଛନ୍ତି। ଏସ୍.ଏଲ୍.ଭି, ଏ.ଏସ୍.ଏଲ୍.ଭି, ପି.ଏସ୍.ଏଲ୍.ଭି, ଜି.ଏସ୍.ଏଲ୍.ଭି ଭଳି ସାଟେଲାଇଟ୍ ଲଞ୍ଚ ଭେଇକିଲ୍ ଭାରତ ସହ ଅନ୍ୟ ଦେଶ ମାନଙ୍କର ସାଟେଲାଇଟ୍‌କୁ ମଧ୍ୟ ମହାକାଶକୁ ପ୍ରେରଣ କରୁଛି। ଆଇ.ଆର.ଏନ୍.ଏସ୍ (ଇଣ୍ଡିଆନ୍ ରିଜୋନାଲ୍ ନାଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍), ଆଇ.ଏନ୍.ଏସ୍.ଏ.ଟି (ଇଣ୍ଡିଆନ୍ ନାସ୍ନାଲ୍ ସାଟେଲାଇଟ୍), ରିୟୁଜ୍ ଲଞ୍ଚ ଭେଇକିଲ୍ - ଟିଡି, ଚନ୍ଦ୍ରୟାନ୍, ମଙ୍ଗଳୟାନ୍, ଜି. ଏସ୍.ଏ.ଟି-୩୦, ଇସିଓ-୦୧, ଆମାଜାନ୍-୦୧ ଆଦି ଭାରତୀୟ ମହାକାଶର ଭିର୍ଣ୍ଣଭିର୍ଣ୍ଣ ସଫଳତାର ଅଂଶ ଅଟେ। ଗଗନୟାନ୍, ଅଦିଦ୍ୟା-୦୧ ଭଳି ପ୍ରକଳ୍ପ ଭାରତର ମହାକାଶ ସଫଳତାକୁ ଆହୁରି ତ୍ୱରାନ୍ୱିତ କରିବ ଓ ଯଦି ଆଇ.ଟିର କୌଣସି ଦେଶ ଅବସ୍ଥାପିତ ହୋଇଥାନ୍ତା ଏହାର ରାଜଧାନୀ ନିଶ୍ଚୟ ଭାରତ ହେଇଥାନ୍ତା। ଏକ ସମୟ ଥିଲା ଆଇ.ଟି ଜି.ଡି.ପିର ମାତ୍ର ୧% ଭାଗିଦାର ଥିଲା ୨୦୨୨ ଏହା ୮% ହୋଇପାରିଛି। ଆଇ.ଟିର ମାର୍କେଟ ସାଇଜ୍ ୧୯୫ ବିଲିୟନ୍ ୟୁ.ଏସ୍.ଏ ଡଲାର ଥିବାବେଳେ, ରପ୍ତାନି ୧୫୦ ବିଲିୟନ୍ ୟୁ.ଏସ୍.ଏ ଡଲାର ଓ ଘରୋଇ ବ୍ୟବହାର ୪୫ ବିଲିୟନ୍ ୟୁ.ଏସ୍.ଏ ଡଲାର ଏବଂ ଯାହା ପ୍ରତିବର୍ଷ ୭.୭% ହାରରେ ବୃଦ୍ଧି ଘଟୁଛି। ଆଜି ଭାରତ ବିଶ୍ୱର ୫୫% ଆଇ.ଟି ସେବା ଅନ୍ୟ ଦେଶ ମାନଙ୍କୁ ରପ୍ତାନି କରୁଛି ଅର୍ଥାତ ଆଇ.ଟି କ୍ଷେତ୍ରରେ ଅଧାରୁ ଅଧିକ ଦାଖଲ ଭାରତହିଁ ଅଛି। ହୁଏତ ଆମେରିକା ପରି ଦେଶ ଆଇ.ଟିର ଜନ୍ମଦାତା ହୋଇପାରେ କିନ୍ତୁ ଭାରତ ବିନା ଆଇ.ଟି ଭିତିହୀନ ଓ ମୂଲ୍ୟହୀନ। ଗୁଗଲର ସିଇଓ ସୁନ୍ଦର ପିଚାଇ, ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାରାୟଣ ନାଡେଲା, ଟ୍ୱିଟର ସିଇଓ ପାରାଗ୍ ଅଗ୍ରୱାଲ୍, ଏଡୋବ ସିଇଓ ଶାନ୍ତନୁ ନାରାୟଣ କେତେଜଣ ଭାରତୀୟ ଏହାର ପ୍ରମାଣ କେବଳ ଭାରତ ନୁହେଁ ଭାରତ ବାହାର ବଡ଼ବଡ଼ ଆଇ.ଟି ଅନୁଷ୍ଠାନ ମଧ୍ୟ ଭାରତୀୟଙ୍କ ଅଧୀନରେ ପରିଚାଳିତ। ଏକ କୃଷି ପ୍ରଧାନ ଦେଶ କିଭଳି ଆଇ.ଟି ପରି ଆଧୁନିକ କୌଶଳକୁ ପ୍ରୋତ୍ସାହନ ଦେଇ ଆର୍ଥିକ ବିକାଶ କରିବାସହ ୪.୧ ମିଲିଅନ୍ ରୋଜଗାର ଦେବାରେ ସକ୍ଷମ



ହୋଇପାରିଛି ଏହା ଆଜି ଅନ୍ୟ କେତେକ ଦେଶ ପାଇଁ ପ୍ରଶ୍ନବାଚି ସୃଷ୍ଟି କରେ। ଭାରତ ୨ୟ ବୃହତ ଇଣ୍ଟରନେଟ୍ ବ୍ୟବହାର କରୁଥିବା ଦେଶ ବିଶ୍ୱର ଶସ୍ତା ଇଣ୍ଟରନେଟ୍ ଭାରତରେ ହିଁ ମିଳୁଅଛି। ସେଥିପାଇଁ ଆଜି ଶିକ୍ଷା ଠାରୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ , ବ୍ୟବସାୟ ଠାରୁ ଆରମ୍ଭ କରି ବ୍ୟବସାୟୀ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଆତି ସହଜରେ ଡିଜିଟାଲ୍ ମାଧ୍ୟମରେ ସମ୍ପାଦନା ହୋଇପାରୁଛି। ଭାରତର ୟୁ.ପି.ଆଇ (ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ) ଡିଜିଟାଲ୍ ପେମେଣ୍ଟ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଚା ବ୍ୟବସାୟୀ ଠାରୁ ପଞ୍ଚତାରକା ହୋଟେଲ ପ୍ରତେକ ବ୍ୟବସାୟୀ ଓ ବ୍ୟବସାୟିକ ସଂଗଠନ ୟୁ.ପି.ଆଇର ବହୁଳ ବ୍ୟବହାର କରି ଭାରତର ଡିଜିଟାଲ୍ ସ୍ୱପ୍ନକୁ ସାକାର କରୁଛନ୍ତି। ଯାହା ଫଳସ୍ୱରୂପ ଆଜି ଭାରତ ବିଶ୍ୱର ସର୍ବାଧିକ ଡିଜିଟାଲ୍ ପେମେଣ୍ଟ କରୁଥିବା ଦେଶ ଭାବେ ଉଭା ହୋଇଛି। ଆଜି ବିଶ୍ୱର ସର୍ବାଧିକ ଡିଜିଟାଲ୍ ପେମେଣ୍ଟ ୟୁ.ପି.ଆଇ (ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ) ମାଧ୍ୟମରେ ହେଉଛି ସେଥିପାଇଁ ଫ୍ରାନ୍ସ ପରି ବିକଶିତ ରାଷ୍ଟ୍ର ଭାରତର ୟୁ.ପି.ଆଇ ଓ ରୂପେ କାର୍ଡକୁ ନିଜ ଦେଶରେ ପ୍ରଚଳନ କରିବାର ତତ୍ପରତା ଦେଖାଉଛନ୍ତି। ଭାରତ ପରି ଦେଶକୁ ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ ମିଳୁଥିବା ସଫଳ ଆଜି ଅନେକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି ଆମେରିକା ପରି ଅନେକ ବିକଶିତ ଦେଶ ମଧ୍ୟ ଆଜି ଡିଜିଟାଲ୍ ପେମେଣ୍ଟକୁ ଏପରି ପ୍ରସାର କରିବାରେ ଅସାମର୍ଥ୍ୟ। ଦେଶ ଯେତେ ଆଗୁଆ ହେଲେବି ଦେଶ ସୁରକ୍ଷା ଓ ଅଖଣ୍ଡତା ଅତ୍ୟନ୍ତ ଆବଶ୍ୟକ ଏବଂ ଶତ୍ରୁର ମୁକାବିଲା ପାଇଁ ସର୍ବଦା ନିଜକୁ ପ୍ରସ୍ତୁତ କରିବା ଦରକାର। ଭାରତର ସାମରିକ ଶକ୍ତି ବିଶ୍ୱର ୪ର୍ଥ ଶକ୍ତିଶାଳୀ ସାମରିକ ଶକ୍ତିଭାବେ ବିଦ୍ୟମାନ। ଭାରତ ନିଜର ସାମରିକ କ୍ଷେତ୍ରକୁ ଯଥାସମ୍ଭବ ଅଭିବୃଦ୍ଧି କରିବାର ପ୍ରୟାସ କରୁଛି। ୨୦୨୦-୨୧ ଭାରତର ସାମରିକ ଅଟକଳ ୭୬.୭ ବିଲିୟନ୍ ୟୁ.ଏସ୍.ଏ ଡଲାର ଥିଲା ଯାହା ବିଶ୍ୱର ୩ୟ ବୃହତ ସାମରିକ ଅଟକଳ ଅଟେ।



ଭାରତର ୫୮% ଜନତା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କୃଷି ଉପରେ ନିର୍ଭର କରନ୍ତି। କୃଷି ଜି.ଡି.ପିର ୧୫.୫% ହୋଇଥିବାବେଳେ ନେଟ୍ କ୍ରପ୍‌ରେ ଭାରତ ବିଶ୍ୱରେ ଅଗ୍ରଣୀ ସ୍ଥାନ ଗ୍ରହଣ କରିଛି। ବ୍ରିଟିଶ୍ ମାନେ ଖାଦ୍ୟ ଫସଲ ଅପେକ୍ଷା ଅର୍ଥ ଫସଲକୁ ( କଟନ୍, ଚା, ତମ୍ବାଖୁ ) ଅଧିକ ଗୁରୁତ୍ୱ ଦେବା କାରଣରୁ ଭାରତରେ ମରୁଡି ଭଳି ସମସ୍ୟା ଅତି ସାଧାରଣ ଥିଲା ଜଳସେଚନ ଓ ଆଧୁନିକ କୌଶଳର ଅଭାବରୁ ଭାରତ ନିଜ ଖାଦ୍ୟପାଇଁ ସଂପୂର୍ଣ ଅନ୍ୟ ଉପରେ ନିର୍ଭର ଥିଲା। ଭାରତ ଭୋକକୁ ମେଣ୍ଟାଇବାପାଇଁ ପି.ଏଲ୍ -୪୮୦ ଯୋଜନା ମାଧ୍ୟମରେ ଆମେରିକା ଠାରୁ ଖାଦ୍ୟଶସ୍ୟ ଆମଦାନୀ କରୁଥିଲା ଭାରତ। ଯାହା ୧୯୫୬ ରେ ୩ ମିଲିୟନ୍ ଟନ ହୋଇଥିବାବେଳେ ୧୯୬୦ରେ ଏହା ୧୦ ମିଲିୟନ୍ ଟନରେ ପହଞ୍ଚିଥିଲା। ଆମେରିକାର ବେପାରୁଆ ମନବୃତି ୧୯୬୫ ମରୁଡି ଭାରତର କୃଷିରେ ଏକ ନୂତନ ସମୀକରଣ ସୃଷ୍ଟି କଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ 'ଜୟ ଯବାନ୍ ଜୟ କିସାନ୍' ସ୍ଲୋଗାନ ଦେଇ ଏମ୍.ଏସ୍ ସ୍ୱମୀନାଥ ଅଧକ୍ଷାତାରେ ସବୁଜ ବିପ୍ଳବକୁ ଜନ୍ମ ଦେଇଥିଲେ ଯାହାର ଆଭିମୁଖ୍ୟ ଥିଲା ଧାନ ଓ ଗହମ ଭଳି ଶସ୍ୟର ଉତ୍ପାଦନ ବୃଦ୍ଧିକରି ଅନଟନକୁ ପ୍ରତିରୋଧ କରିବା। ପ୍ରାକ୍ ଅବସ୍ଥାରେ ଧାନ ଓ ଗହମ ବିପ୍ଳବର ମୁଖ୍ୟ ଆଧାର ଥିବାବେଳେ ପରବର୍ତୀ ସମୟରେ ଡ଼ିଲି ଜାତୀୟ ଶସ୍ୟ, ମସଲା ଓ ତୈଳବୀଜକୁ ମଧ୍ୟ ପ୍ରଧାନ୍ୟ ମିଳିଲା। ଉଚ୍ଚ ଅମଳକ୍ଷମ ବିହନ, ଜଳସେଚନ , ଜୈବିକ ସାର ,ରାସାୟନିକ ସାରା ଆଦି ସବୁଜ ବିପ୍ଳବର ପ୍ରମୁଖ ବିଷୟ ଥିଲା। ଟ୍ରାକ୍ଟର , ହାର୍ଭେଷ୍ଟର, ପାୱାରଟ୍ରେଲର ଆଦି ଯନ୍ତାଂଶର ପ୍ରୟୋଗ ଭାରତୀୟ କୃଷିର ଭୌଗଳିକ ଚିତ୍ରତାକୁ ପରିବର୍ତନ କରିବାସହ କୃଷକଙ୍କ ମାନସିକତାକୁ ଗଭୀର ପ୍ରଭାବ ପକାଇଥିଲା। କୃଷକମାନେ ପାରମ୍ପରିକ କୃଷିରୁ ଏବେ ଅର୍ଥ ଅଭିମୁଖୀ କୃଷି କରିବା ଆରମ୍ଭ କଲେ ଯାହା ପତ୍ୟକ୍ଷ ଭାବେ ଭାରତର ଅର୍ଥନୀତି ପାଇଁ ମଙ୍ଗଳ ସାଧିତ ହେଲା। ୨୦୨୨ ଆର୍ଥିକବର୍ଷ ମୁତାବକ ଭାରତ ୫୦ ବିଲିୟନ୍ ୟୁ.ଏସ୍.ଏ ଡଲାର ଖାଦ୍ୟଶସ୍ୟ ରପ୍ତାନି କରି ବିଶ୍ୱ ଭୋକ ମେଣ୍ଟାଇବାରେ ନିଜକୁ ନିୟୋଜିତ କରିଛି। ଋଷ- ୟୁକ୍ରେନ ଯୁଦ୍ଧ ଦ୍ୱାରା ପ୍ରଭାବିତ ସମଗ୍ର ବିଶ୍ୱ ଆଜି ଖାଦ୍ୟ ପାଇଁ ଭାରତ ଉପରେ ନିର୍ଭର କରୁଛି ଯାହାର କାରଣ ସ୍ୱରୂପ ୨୦୨୦-୨୧ ଠାରୁ ୨୦୨୧-୨୨ ମଧ୍ୟରେ ୪୨ ବିଲିୟନ୍ ୟୁ.ଏସ୍.ଏ ଡଲାରରୁ ୫୦ ବିଲିୟନ୍ ୟୁ.ଏସ୍.ଏ ଡଲାର ଖାଦ୍ୟଶସ୍ୟ ରପ୍ତାନୀ କରିଛି ଭାରତ ଏବଂ ବିଶେଷକରି ଗହମ ରପ୍ତାନୀରେ ୨୭୩% ବୃଦ୍ଧି କରି ଭାରତ ନୂତନ ରେକର୍ଡ କରିପାରିଛି। ବିଶ୍ୱର ୫୦% ରାଇସ୍ ଭାରତ ହିଁ ଯୋଗାଉଛି ଫଳ, ପନିପରିବା, ଦୁଗ୍ଧ , ମସଲା ଆଦି ଉତ୍ପାଦନରେ ଭାରତର ସ୍ଥାନ ପ୍ରମୁଖ ଅଟେ। ଏକ ସମୟରେ ଯେଉଁ ଦେଶ ଖାଦ୍ୟ ଅଭାବ କାରଣରୁ ନିଜ ଜନତାଙ୍କୁ ଦୈନିକ ଦୁଇଥର ଖାଦ୍ୟ ଦେବପାଇଁ ଅସମର୍ଥ ଥିଲା ଆଜି ସେ ନିଜର ଭୋକ ମେଣ୍ଟାଇବା ସହ ଅନ୍ୟ ପାଇଁ ଆଶାର ଆଲୋକ ପାଲଟିଛି। ୧୯୬୫ରେ ଆମେରିକାର ନିମ୍ନ ମାନର ଗହମ ଉପରେ ନିର୍ଭର କରିଥିବା ରାଷ୍ଟ୍ର ଆଜି ବିପୁଳ ମାତ୍ରାରେ ଗହମ ରପ୍ତାନି କରିବାସହ ଆମେରିକାକୁ ପଛରେ ପକାଇ ଗହମ ଉତ୍ପାଦନରେ ଚୀନ ପରେ ଦ୍ୱିତୀୟ ସ୍ଥାନରେ ଅଛି।

ଅର୍ଥନୀତି, ବିଜ୍ଞାନ, କୃଷି ପରି ଅନ୍ତରାଷ୍ଟ୍ରୀୟ ରାଜନୀତିରେ ଭାରତର ପକ୍ଷ ଦିନକୁଦିନ ସୁଦୃଢ଼ ହେବାକୁ ଲାଗିଛି। ସମୟର ପରିବର୍ତ୍ତନ କ୍ରମେ ଆଜି ଭାରତ ବିନା ଅନ୍ତରାଷ୍ଟ୍ରୀୟ ରାଜନୀତିର ପରିକଳ୍ପନା ସମ୍ଭବ ନୁହେଁ। ଭାରତ ଏପରି ଏକ ବିରଳ ଦେଶ ଯିଏ ଉଭୟ ଆମେରିକା ଓ ଋଷକୁ ସନ୍ତୁଳନ କରି ଉଭୟଙ୍କ ସହ ଉତ୍ତମ ବନ୍ଧୁତ୍ୱ ରଖିପାରିଛି। ପ୍ରେତେକ ଅନ୍ତରାଷ୍ଟ୍ରୀୟ ମଞ୍ଚ ଭାରତର ଆଭିମୁଖ୍ୟକୁ ଅତି ସମ୍ବେଦନ ସହ ଗ୍ରହଣ କରିବା ଓ ଏହାକୁ ଅଗ୍ରଣୀ ଦେବାକୁ ପ୍ରୟାସ କରିବାର କାରଣ କ'ଣ ହୋଇପାରେ ତାହା ସ୍ୱତଃ ପ୍ରତିଫଳିତ ହେଉଛି। 'ବସୁଧୈବ କୁଟୁମ୍ବ କମ' ନୀତିବାଣୀରେ ଅନୁପ୍ରାଣିତ ଭାରତ ଆଜି ବିନା ସଙ୍କୋଚରେ ଓ ନିର୍ଭୟତାରସହ ପ୍ରତେକ କ୍ଷେତ୍ରରେ ନିଜ ପକ୍ଷ ରଖିପାରୁଛି। ୭୫ ବର୍ଷୀୟ ସ୍ୱତନ୍ତ୍ର ଭାରତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅନେକ ଦେଶ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛି। ସର୍ବଦା ଅଭାବକୁ ଏକ ସୁଯୋଗର ନଜରରେ ଦେଖି ସମାଧାନ ଯଥାସମ୍ଭବ ପ୍ରୟାସ ଭାରତକୁ ଆଜି ମହାନତା ଆଡକୁ ଟାଣିନେଇଛି।

*ପି.ଜି ପ୍ରଥମ ବର୍ଷ, ରାଜନୀତି ବିଜ୍ଞାନ,*
*ଇନ୍ଦିରା ଗାନ୍ଧୀ ଓପନ ୟୁନିଭରସିଟି*
*କୋଟଗରା, ଢେଙ୍କାନାଳ*
*ଦୂରଭାଷ : ୮୮୯୫୨୬୯୦୨୨*



# ରୋମ୍‌ରେ ପ୍ରବାସୀ ଓଡ଼ିଆଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନ ରୋମରେ ପ୍ରବାସୀ ଓଡ଼ିଆଙ୍କୁ ଭେଟିଛନ୍ତି। ୟୁରୋପର ୧୨ଟି ଦେଶରେ ବସବାସ କରୁଥିବା ଏହି ପ୍ରବାସୀଙ୍କ ସହ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ସମେତ ତାଙ୍କ ବ୍ୟକ୍ତିଗତ ସଚିବ ଭି କେ ପାଣ୍ଡିଆନ୍ ଓ ଆବାସିକ କମିସନର ରବିକାନ୍ତ ପ୍ରମୁଖ ଆଲୋଚନା କରିଥିଲେ। ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ବୃତ୍ତିଗତ, ଉଦ୍ୟୋଗ, ଗବେଷଣା, ମିସନାରି, ଇଞ୍ଜିନିୟରିଂ, ଆଇଟି ପ୍ରଭୃତି ବିଷୟର ଛାତ୍ରଛାତ୍ରୀ ରହିଥିଲେ। ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି, ବିପର୍ଯ୍ୟୟ ପରିଚାଳନା, ମହିଳା ସଶକ୍ତୀକରଣ ପ୍ରଭୃତି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କର ସଫଳତାର କାହାଣୀ ଶୁଣି ଗର୍ବ ଅନୁଭବ କରିଥିଲେ। ପ୍ରବାସୀ ଓଡ଼ିଆମାନେ ଓଡ଼ିଶାର ବିକାଶ ପାଇଁ ନିଜ ଉତ୍ସର୍ଗୀକୃତ ମନଭାବକୁ ଦୋହରାଇଥିଲେ। ୟୁରୋପରେ ଓଡ଼ିଆମାନେ ବିଭିନ୍ନ କ୍ଷେତ୍ରରେ ଉନ୍ନତି କରୁଥିବା ଜାଣି ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଥିଲେ। ଓଡ଼ିଶାରେ ଜାରି ରହିଥିବା ରୂପାନ୍ତରୀକରଣ ଅଭିଯାନ ବିଷୟରେ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅବଗତ କରାଇଥିଲେ ଓ ଓଡ଼ିଶାର ବିକାଶରେ ସହଭାଗୀ ହେବା ପାଇଁ ସେମାନଙ୍କୁ ଆମନ୍ତ୍ରିତ କରିଥିଲେ। ବ୍ରିଟେନ୍‌ରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବନ୍ଧରେ ୟୁକେ ଓଡ଼ିଆ ସଂଘ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଥିଲେ। ସେଥିପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ବୃତ୍ତିଗତ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେମାନଙ୍କ ସଫଳତା ପାଇଁ ରାଜ୍ୟ ଗର୍ବିତ ବୋଲି କହିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

### ତିର୍ତ୍ତୋଲ ବିଧାୟକଙ୍କ କଳାକାରନାମାକୁ ନେଇ ପ୍ରେମିକାଙ୍କ ଏତଲା

# ଅସନ୍ତୁଷ୍ଟ ବିଜେଡି ମହଲରେ ଆନନ୍ଦର ଲହରୀ

**ଭୁବନେଶ୍ୱର/ଜଗତସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ରାଜନୈତିକ ମଇଦାନକୁ ନୂଆ କରି ଓହ୍ଲାଇ ଥିବା ତିର୍ତ୍ତୋଲ ବିଧାୟକ ସ୍ୱର୍ଗତଃ ପିତାଙ୍କ ନିର୍ବାଚନ ମଣ୍ଡଳୀକୁ ଓହ୍ଲାଇ ଉପ ନିର୍ବାଚନରେ ବିଜୟଲାଭ କରିଥିଲେ ବି ଆଜି ପର୍ଯ୍ୟନ୍ତ ଦଳୀୟ ଗୋଷ୍ଠୀ କନ୍ଦଳରେ ଲଗାମ ଲଗାଇବାରେ ସକ୍ଷମ ହୋଇପାରିନାହାଁନ୍ତି। ଏପରିକି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଜିଲ୍ଲାପରିଷଦ ପ୍ରାର୍ଥୀ ଚୟନ, ବ୍ଲକ ଅଧ୍ୟକ୍ଷ ବା ଉପାଧ୍ୟକ୍ଷ ପାର୍ଥୀ ଚୟନ ହେଉ ବା ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀ ଚୟନରେ ବ୍ୟାପକ କଳାବଜାରୀ କରି ବିଜେଡି କର୍ମୀମାନଙ୍କୁ ଅଣଦେଖା କରି ଯେଉଁ ଗୋଟିଚାଳନା କରୁଥିଲେ ସେଥିରେ ଝୁଣ୍ଟି ପଡିଥିବା ବେଳେ ସାଂସଦଙ୍କ ବିଜେଡି ନେତା ଓ କର୍ମୀମାନେ ଯେସାକୁ ତେସା ନ୍ୟାୟରେ ବିଧାୟକଙ୍କୁ ଏକ ପ୍ରକାର ହରଡଘଣାରେ ପକାଇବାରେ ଯେଉଁ ଯୋଜନା ସବୁ ପ୍ରଣୟନ କରିଥିଲେ ସେଥିରେ ସଫଳ ହୋଇପାରିଛନ୍ତି। ବିଧାୟକଙ୍କ ପ୍ରେମିକା ଏତଲାକୁ ନେଇ ଦୀର୍ଘ ବର୍ଷଧରି ପ୍ରେମିକାଙ୍କୁ ନିଜ ବାହୁଛାୟା ତଳେ ରଖି ଉପରକୁ ଭଦ୍ର ଲୋକର ଯେଉଁ ବିଶ୍ୱାସ କରିଥିଲେ ସେଥିରେ କଳାର ଦାଗ ଲାଗିଗଲା ପରି ମନେହେଉଛି। ସାଂସଦଙ୍କ ଭକ୍ତମାନେ ଆଗାମୀ ୨୦୨୪ ବିଧାନସଭା ନିର୍ବାଚନ ବେଳକୁ ବିଧାୟକଙ୍କୁ କାଠଗଡାରେ ଠିଆ କରିବାର ଯେଉଁ ଯୋଜନା ଠିକ୍ କରିଥିଲେ ସେଥିରେ ସାମିଲ ହୋଇଗଲେଣି ବିଧାୟକଙ୍କ ପ୍ରେମିକା। ଗତ ମେ ୧୭ତାରିଖରେ ପ୍ରେମିକାଙ୍କୁ ବିବାହ କରିବାକୁ ଜଗତସିଂହପୁର ସବ୍‌ରେଜିଷ୍ଟରଙ୍କ କାର୍ଯ୍ୟାଳୟରେ ପଞ୍ଜୀକୃତ କରିଥିଲେ। ଉଭୟପକ୍ଷ ଓ ତାଙ୍କ ପରିବାରବର୍ଗ ସବରେଜିଷ୍ଟରଙ୍କ କାର୍ଯ୍ୟାଳୟକୁ ଯାଇଥିବା ବେଳେ ସେଥିରେ ରାଜି ହୋଇଥିବା ବିଧାୟକ ଆବେଦନ କରିବାର ୩୦ଦିନ ପରେ ସବରେଜିଷ୍ଟରଙ୍କ କାର୍ଯ୍ୟାଳୟକୁ ନଆସିବାକୁ ଓ ପ୍ରେମିକାଙ୍କ ସହିତ ଯୋଗାଯୋଗ ନଥିବାରୁ ସେ ନିରାଶ ହୋଇ ଜଗତସିଂହପୁର ଥାନାରେ ଏକ



ସଙ୍ଗୀନ ଅଭିଯୋଗ ଆଣି ଏତଲା ଦାୟର କରିଥିଲେ। ବିଧାୟକ ଓ ତାଙ୍କ ପରିବାର ଲୋକଙ୍କ ବିରୁଦ୍ଧରେ ଆଇପିସି ଧାରା ୪୨୦, ୧୯୫, ୫୦୬, ୨୯୪, ୫୦୯, ୩୪୧ ଓ ୧୨୦ ଦଫା ଲାଗିଥିବା ବେଳେ ପୋଲିସ ପକ୍ଷରୁ ମୁଦାଲା ମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରିନାହାଁନ୍ତି। ଏହି ଘଟଣା ସବୁରୁ ଜାଣିବାକୁ ମିଳୁଛି ଯେ ପ୍ରେମିକାଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗର ହାତ ବଢାଇଛନ୍ତି ସାଂସଦ ଓ ତାଙ୍କର ଆଗ ଧାଡିର ନେତା ଓ କର୍ମୀମାନେ। ଆଗାମୀ ୨୦୨୪ ନିର୍ବାଚନ ବେଳକୁ ରାଜନୈତିକ ମଇଦାନକୁ ବର୍ତ୍ତମାନର ବିଧାୟକଙ୍କୁ ହଟାଇ ବର୍ତ୍ତମାନର ସାଂସଦ ପୁନର୍ବାର ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ବିଧାୟକ ହୋଇ ନିର୍ବାଚିତ ହେଲାପରେ ବିଜେଡି ଦଳ ସୁପ୍ରିମୋଙ୍କ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇବାରେ ଏକପ୍ରକାର ସମ୍ଭାବନା ସୃଷ୍ଟି ହେବାର ବାତାବରଣ ସବୁଆଡେ ବ୍ୟାପିବାକୁ ଲାଗିଲାଣି। ସାଂସଦ ହୋଇ ବି ସେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନକୁ ଯାତ୍ରା କରି ମୁଳଦୁଆ ପକାଇବାକୁ ଲାଗିଲେଣି। ତେଣୁ ଏସବୁ ଆନ୍ଦୋଳନ ପଛରେ ବିଧାୟକଙ୍କୁ ଜନସାଧାରଣଙ୍କ ନିକଟତର ନକରି ଦେବା ଉଦ୍ଦେଶ୍ୟରେ ସାଂସଦ ତାଙ୍କର ଗୋଟିଚାଳନା କରୁଥିବା ବେଳେ ବିଧାୟକ ଓ ତାଙ୍କ କର୍ମୀମାନେ ଆଉ କୂଳ କିନାରା ପାଉନଥିବାର ଦେଖିବାକୁ ମିଳିଛି।

# ଡେଙ୍ଗୁ ପାଇଁ ସତର୍କ ରହିବାକୁ ସମସ୍ତ ଜିଲ୍ଲାପାଳ, ୫ କମିସନରଙ୍କୁ ଚିଠି ଲେଖିଲା ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର :** ରାଜଧାନୀରେ ଏବେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ଏହାର ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇଛି। ବିଏମ୍‌ସି ସମେତ ରାଜ୍ୟର ୫ଟି ମହାନଗର ନିଗମର କମିସନର ଏବଂ ୩୦ଟି ଜିଲ୍ଲାର ଜିଲ୍ଲାପାଳମାନେ ଡେଙ୍ଗୁ ମୁକାବିଲା ପାଇଁ କ'ଣ ପଦକ୍ଷେପ ନେବେ କୁହାଯାଇଛି। ଡେଙ୍ଗୁ ସମେତ ଭେକ୍ଟର ବାହିତ ରୋଗରେ ଯେପରି କେହି ନମରିବେ, କାହାକୁ ରକ୍ତର ଅଭାବ ହେବନି ସେନେଇ ପ୍ରସ୍ତୁତ ରହିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗାଇଡଲାଇନ୍ ଜାରି ହୋଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ବର୍ଷାଋତୁରେ ଭେକ୍ଟର ବାହିତ ରୋଗ ବ୍ୟାପିବାର ସମ୍ଭାବନା ଅଧିକ। ତେଣୁ ମୌସୁମୀ ଋତୁରେ ରାଜ୍ୟର ବିଭିନ୍ନ ସ୍ଥାନରେ ଡେଙ୍ଗୁ ବ୍ୟାପିପାରେ। ଏଭଳି ସ୍ଥିତିରେ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନେଇ ସ୍ଥିତି ଉପରେ ନଜର ରଖିବା ସହ ଆବଶ୍ୟକ ଔଷଧ ଆଦି ମହଜୁଦ ରଖ।



ବିଶେଷକରି ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଉପରେ ଦଖଲ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ମୁତୟନ କରିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ଯେ ଆଗାମୀ ଦିନରେ ମ୍ୟାଲେରିଆ, ଡେଙ୍ଗୁ, ଜାପାନୀ ଜ୍ୱର ଏବଂ ଅନ୍ୟାନ୍ୟ ଭେକ୍ଟର ବାହିତ ରୋଗ ବ୍ୟାପିବାର ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ଓ ବ୍ଲକ ସ୍ତରର ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ପ୍ରସ୍ତୁତ ରଖିବା ସହ କୌଣସି ଠାରୁ ଏହାର ସୂଚନା ମିଳିଲେ ତ୍ୱରିତ ପଦକ୍ଷେପ ନିଅ।

# ଶ୍ରୀକ୍ରୀଷ୍ଣା ଇଣ୍ଟର ନ୍ୟାସନାଲ ସ୍କୁଲରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ

**ଭୁବନେଶ୍ୱର:** ପ୍ରତିକୂଳ ପରିବେଶ ଓ ପ୍ରଦୂଷଣ ପୂର୍ଣ୍ଣ ବାତାବରଣକୁ ଆଖି ଆଗରେ ରଖି ଭାରତର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଜୁନ ମାସ ୨୧ ତାରିଖକୁ ୟୁନାଇଟେଡ଼୍ ନେସନ ଦ୍ୱାରା ଆନ୍ତର୍ଜାତିକ ଯୋଗ ଦିବସ ରୂପେ ସୀକୃତ ଦିଆଯାଇଥିଲା। ଯାହାକି ପାଖାପାଖି ୧୭୭ ଦେଶମାନଙ୍କ ସହମତିରେ ସାରା ବିଶ୍ୱରେ ଆଦୃତ ହୋଇପାରିଥିଲା। ଏହି ଦିବସର ମହତ୍ୱ ଓ ଏହାର ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଶିକ୍ଷକ ଓ ପିଲାମାନଙ୍କୁ ନେଇ ଭୁବନେଶ୍ୱରର ମଳିପଡ଼ାସ୍ଥିତ ଶ୍ରୀ କ୍ରୀଷ୍ଣା ଇଣ୍ଟର ନ୍ୟାସନାଲ ସ୍କୁଲରେ ପାଳିତ ହୋଇଯାଇଛି। ଆନ୍ତର୍ଜାତିକ ଯୋଗ ଦିବସ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଚେୟେରମ୍ୟାନ ପବିତ୍ର କୁମାର ରାଉତରାୟ ଯୋଗ ନିରୋଗର କାରଣ ଉପରେ



ପିଲାମାନଙ୍କୁ ଉଦବୋଧନ ଦେଇଥିଲେ ଓ କହିଥିଲେ ଯୋଗ କରୁଥିବା ପିଲା ସାଧାରଣ ପିଲାମାନଙ୍କ ଠାରୁ ଯଥେଷ୍ଟ ଭାବେ ଶାରୀରିକ ଓ ମାନସିକ ରୂପେ ଶକ୍ତିଶାଳୀ ଅଟନ୍ତି। ବିଦ୍ୟାଳୟର ଅଧକ୍ଷ ଡଃ ସ୍ୱରୂପା ନନ୍ଦ ମିଶ୍ର ଏହି କାର୍ଯ୍ୟକ୍ରମକୁ ସ୍ୱାଗତ ସଂଭାଷଣ ଦ୍ୱାରା ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଉପାଧକ୍ଷ ଶ୍ରୀଯୁକ୍ତ କବିନ୍ଦ୍ର ଦାସ ଯୋଗ ଦ୍ୱାରା କିପରି ପିଲାମାନଙ୍କର ବିକାଶ ହୁଏ ଓ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହୋଇପାରିଥାଏ ତାହା ଉପରେ ଆଲୋକପାତ କରିଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଯୋଗଗୁରୁ ଅଶୋକ କୁମାର ପଣ୍ଡା , ଶିକ୍ଷକ ପ୍ରଭାତ କୁମାର ସାହୁ ଓ ଷଷ୍ଠ ଶ୍ରେଣୀର ପିଲା ଅନୁରାଗ ଯୋଗର ବିଭିନ୍ନ ପ୍ରଣାଳୀ ପିଲାମାନଙ୍କୁ ଦେଖାଇଥିଲେ ଓ ତାର ଉପକାର ବିଷୟରେ ଜଣାଇଥିଲେ। ଏକ ଘଣ୍ଟା ଧରି ଏହି କାର୍ଯ୍ୟକ୍ରମକୁ ପିଲାମାନେ ବହୁତ ଉପଭୋଗ କରିଥିଲେ।

# ୨ ରୁ ବଜେଟ୍ ଅଧିବେଶନ

**ଭୁବନେଶ୍ୱର :** ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତା ଜୁଲାଇ ୨ତାରିଖରୁ ଆରମ୍ଭ ହେଉଥିବାବେଳେ ନବନିଯୁକ୍ତ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସର୍ବଦଳୀୟ ବୈଠକ ଡାକିଛନ୍ତି। ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଜୁନ୍ ୨୯ତାରିଖ ସକାଳ ୧୧ଟା ସମୟରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ



ହେବ। ଗୃହ ପରିଚାଳନା ନିମନ୍ତେ ବାଚସ୍ପତି ଶ୍ରୀ ଆରୁଖ ସବୁ ଦଳର ସହଯୋଗ ଲୋଡ଼ିଛନ୍ତି। ଏହାସହିତ ଏବେ ଓଡ଼ିଶାରେ କୋଭିଡ୍ ସଂକ୍ରମଣ ମାମଲା ବୃଦ୍ଧି ପାଉଥିବାରୁ ସର୍ବଦଳୀୟ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବିଧାନସଭାର ଅଧିବେଶନ ଜୁଲାଇ ୨ରୁ ଆରମ୍ଭ ହୋଇ ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ଚାଲିବ।

# ଜାଲ୍ ସାର୍ଟିଫିକେଟରେ ଚାକିରି; କେବେ ହେବ କାର୍ଯ୍ୟାନୁଷ୍ଠାନ

**ଭଦ୍ରକ :** ଭଦ୍ରକ ଜିଲ୍ଲା ଶିକ୍ଷା ବିଭାଗରେ ବହୁ ସଂଖ୍ୟକ ନକଲି ସାର୍ଟିଫିକେଟ୍ ହାସଲ କରି ବିଭିନ୍ନ ବିଭାଗରେ ଚାକିରି ପାଇଛନ୍ତି। ପୂର୍ବରୁ ବହୁ ଶିକ୍ଷକ ଏଭଳି କରିଥିବା ନେଇ ଅଭିଯୋଗ ହୋଇଆସୁଛି। ମାତ୍ର ବର୍ତ୍ତମାନ ସୂଚନା ଅଧିକାର ଆଇନ ବଳରେ ଯାହା ଜଣାପଡିଛି ଭଦ୍ରକ ତହସିଲ ଅଧିନସ୍ଥ ବହୁଦରଡା ଗ୍ରାମ ଆରଆଇ ଗଜେନ୍ଦ୍ର ଦାସ ମୂଳତଃ କେଳା ସମ୍ପ୍ରଦାୟର ହୋଇଥିଲା ବେଳେ ସେ ଶବର ସମ୍ପ୍ରଦାୟ ବୋଲି ଚାନ୍ଦବାଲି ତହସିଲରୁ ସାର୍ଟିଫିକେଟ୍ ଆଣି ଚାକିରି କରିଛନ୍ତି। ଉକ୍ତ ଘଟଣାକୁ ନେଇ ହାଇକୋର୍ଟରେ ମଧ୍ୟ ଏକ ମାମଲା ଆରଟିଆଇ କର୍ମୀ ବିକାଶ କୁମାର ଧଳ ଦାଏର କରିବା ପରେ ଘଟଣାର ତଦନ୍ତ ପାଇଁ ଭଦ୍ରକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଯାହା ଉପରେ ଜିଲ୍ଲାପାଳ ଭଦ୍ରକ ଡିଡବ୍ଲ୍ୟୁଓ ଓ ଚାନ୍ଦବାଲି ତହସିଲଦାରଙ୍କୁ ଏହାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ମିଳିବା ପରେ ଯେହେତୁ ଏହା ଏସ୍‌ସି/ଏସ୍‌ଟି ମାମଲା ହୋଇଥିବାରୁ ଆରଡିସି ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ରିପୋର୍ଟ ପଠାଇ ଦେଇଛନ୍ତି। ହେଲେ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା।




### ତହସିଲ ଅଫିସରରେ ମାଳମାଳ ଦଲାଲ

# ଭୟରେ ତହସିଲଦାର ନେଲେ କାର୍ଯ୍ୟାନୁଷ୍ଠାନ

**ଭଦ୍ରକ :** ଭଦ୍ରକ ଜିଲ୍ଲା ତହସିଲ ଅଫିସର ଭୂସଂସ୍କାର ବିଭାଗରେ ଦୁର୍ନୀତି ଅଭିଯୋଗ। ଅଧିକାରୀ ସାଧାରଣ ଲୋକଙ୍କ ସମସ୍ୟା ବୁଝିବା ସହ ପରାମର୍ଶ ଦେଉଛନ୍ତି, ଏଥିପାଇଁ ନେଉଛନ୍ତି ଟଙ୍କା। କିନ୍ତୁ ଅଧିକାରୀ ଆସନରେ ବସିଥିବା ଏହି ବ୍ୟକ୍ତି ଜଣକ ରାଜସ୍ୱ ବିଭାଗର କର୍ମଚାରୀ ନୁହଁନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଏହା ସାମ୍ନାକୁ ଆସିଛି। ଘଟଣା ଜଣାପଡିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରତିକ୍ରିୟା ନେବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ସେ କିଛି କହିବାକୁ ମନା କରିଦେଇଥିଲେ। ସୂଚନା ଅଧିକାରୀ କର୍ମୀ ବିକାଶ କୁମାର ଧଳଙ୍କ ଅଭିଯୋଗ ଅନୁଯାୟୀ, ଏହି ବ୍ୟକ୍ତି ଜଗନ୍ନାଥ ବେହେରା ପୂର୍ବରୁ ଏଠାରେ କାର୍ଯ୍ୟ କରୁଥିଲେ। ଅବସର ପରେ ମଧ୍ୟ ଚୌକିର ମୋହ ନଛାଡି ଏହି ବ୍ୟକ୍ତି ଜଣଙ୍କ ପ୍ରତିଦିନ ସାଧାରଣ ଲୋକଙ୍କ ଠାରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ଲାଞ୍ଚ ଖାଉଛନ୍ତି। ତହସିଲଦାର ସବୁଜାଣି ମଧ୍ୟ ଅଜଣା ଭଳି ଅଭିନୟ କରିଚାଲିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ବର୍ଷେ ତଳୁ ତହସିଲଦାର ଜାଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପରେ ଭୟରେ ତହସିଲଦାର ଶ୍ରୀ ଧଳଙ୍କୁ ଜଣାଇବା ସହ ଅନ୍ୟ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ଆଗାମୀ ଦିନରେ କୌଣସି ଦଲାଲ ତହସିଲ ଅଫିସ ମଧ୍ୟରେ ପ୍ରବେଶ କରିବ ନାହିଁ କି ଏଭଳି କାର୍ଯ୍ୟ ଆଗକୁ ହେବନାହିଁ।




# ନାବାର୍ଡ ପକ୍ଷରୁ ଯୋଗ ଶିବିର

**କେନ୍ଦ୍ରାପଡା :** ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ଅବସରରେ ସ୍ଥାନୀୟ ଇଚ୍ଛାପୁର ସ୍ଥିତ ମାଉସୀ'ମା ମନ୍ଦିର ପରିସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ୍ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ପରିଚାଳକ ଅଶୋକ କୁମାର ଆଚାର୍ଯ୍ୟ ଶୁଭାରମ୍ଭ କରିଥିବା ବେଳେ ସୁପରିଚିତ ଯୋଗାଚାର୍ଯ୍ୟ କମଳାକାନ୍ତ ନାୟକ ସ୍ୱାସ୍ଥ୍ୟ ପାଇଁ ଯୋଗର ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ବିଭିନ୍ନ ପ୍ରକାରର ଯୋଗ ତଥା ପ୍ରାଣାୟାମର ଶିକ୍ଷାଦାନ କରିଥିଲେ। ରାଇଡ୍ ର ସମ୍ପାଦକ କିଶୋର କୁମାର ସାହୁଙ୍କ ସହଯୋଗ ରେ ଆୟୋଜିତ ଏହି ଶିବିରରେ ପତଞ୍ଜଳି ନଂ ୧୭ର ଯୋଗ ଶିକ୍ଷାକେନ୍ଦ୍ରର ଶିକ୍ଷାର୍ଥୀଙ୍କ ସମେତ ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ପ୍ରମୂଖ ଉପସ୍ଥିତ ଥିଲେ।



Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**